- Vol.- 46, Issue No.57
- Thursday, 28 May 2026
- ଗୁରୁବାର, ୨୮ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଜେଏସ୍‌ଡବ୍ଲୁ ଷ୍ଟିଲ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ଦେଶର 'ଷ୍ଟିଲ୍ ରାଜଧାନୀ'

**୧ ଲକ୍ଷ ୨୫ ହଜାର କୋଟି ପୁଞ୍ଜି ନିବେଶ**

**ଶିଳ୍ପ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ**

**ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ହେବ ଉତ୍ପାଦନ**

**ଶିଳ୍ପାୟନ ଓ ନିଯୁକ୍ତିକୁ ସରକାରଙ୍କ ସବୁଠୁ ବଡ଼ ଫୋକସ**



ଭୁବନେଶ୍ୱର/ପାରାଦୀପ, ୨୭।୫ (ନିପ୍ର): ଓଡ଼ିଶାର ଶିଳ୍ପ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ପାରାଦୀପର ଏରସମା ଅଞ୍ଚଳରେ ଜେଏସଡବ୍ଲୁ ଷ୍ଟିଲ୍‌ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫରନେସ୍ ନିର୍ମାଣ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପାରାଦୀପର ଢ଼ିଙ୍କିଆ ଅଞ୍ଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପରେ ଜେଏସଡବ୍ଲୁ ଗ୍ରୁପ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ, ଯାହା ଓଡ଼ିଶା ଇତିହାସରେ ସର୍ବବୃହତ୍। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବା ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ। ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏଫଇ ଷ୍ଟିଲର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ମଞ୍ଚରୁ ଆଶ୍ୱାସନା ଦେଇଛନ୍ତି। ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର ଜେଏଫଇ ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଛନ୍ତି ଯେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ 'ସିଷ୍ଟର ଷ୍ଟେଟସ୍' ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିକୁ ନିଜ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଛନ୍ତି। ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ 'ଟୁକୋଷ୍ଟ ଷ୍ଟ୍ରାଟେଜି' ବା ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ କାର୍ଯ୍ୟାରମ୍ଭ ଉତ୍ସବରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି। ସମାରୋହରେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଏସ୍‌ଆଇଆର ବୈଧ: ସୁପ୍ରିମକୋର୍ଟ

## ମତଦାତାଙ୍କ ତାଲିକା ପୁନଃଯାଞ୍ଚ କରିବା ଅଧିକାର ଅଛି



ନୂଆଦିଲ୍ଲୀ, ୨୭।୫: ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର୍) ଏସଆଇଆର ବୈଧ । ବୁଧବାର ଏପରି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଏସଆଇଆର୍ ନିର୍ବାଚନ ଆୟୋଗଙ୍କ ଅଧିକାର । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଏସଆଇଆର୍‌କୁ ନେଇ ନିର୍ବାଚନ ଆୟୋଗଙ୍କ ସମସ୍ତ ନିୟମ ପୂର୍ବଭଳି ଅପରିବର୍ତ୍ତିତ ରହିବ । ନିର୍ବାଚନ ଆୟୋଗ ସମଗ୍ର ଦେଶରେ ଆଇନ ପ୍ରକ୍ରିୟାର ଅବଲମ୍ବନ କରିଛନ୍ତି ।ଏସଆଇଆର୍ ପ୍ରକ୍ରିୟାକୁ ବେଆଇନ କହି ରଦ୍ଦ କରାଯାଇ ପାରିବ ନାହିଁ । କାରଣ ଭୋଟର ତାଲିକାରେ ସଂଶୋଧନ ପ୍ରକ୍ରିୟାରୁ ଏହା ଭିନ୍ନ ବୋଲି କହିଛନ୍ତି କୋର୍ଟ । କୋର୍ଟ ଆହୁରି କହିଛନ୍ତି ଏହି ପ୍ରକ୍ରିୟା ଆଇନଗତ ବୈଧ ଅଟେ । ସାମ୍ବିଧାନିକ ପ୍ରକ୍ରିୟା ଓ ଜନପ୍ରତିନିଧିତ୍ୱ ଅଧିନିୟମ ଅନୁସାରେ ନିର୍ବାଚନ ଆୟୋଗଙ୍କୁ ମତଦାତାଙ୍କ ତାଲିକାକୁ ପୁନଃଯାଞ୍ଚ କରିବାର ଅଧିକାର ଅଛି । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକା ପୁନଃଯାଞ୍ଚକୁ ନେଇ ବିହାରର ଆବେଦନକାରୀ କରିଥିବା ଦାଏର ଯାଚିକାର ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ ହୃଦ୍‌ବୋଧ କରିଛନ୍ତି ଯେ ଭୋଟର ତାଲିକାରୁ ବାଦ୍ ଦେବାର ଅର୍ଥ ନୁହେଁ ଯେ ଜଣେ ବ୍ୟକ୍ତି ନାଗରିକତା ହରାଇବେ । ବରଂ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯଦି ଜଣେ ନାଗରିକଙ୍କ ନାମ ଭୋଟର ତାଲିକାରେ ନାହିଁ ତେବେ ଏହାର ଅର୍ଥ ନୁହେଁ ଯେ ସେ ନାଗରିକତା ପ୍ରମାଣ କରିବାରେ ଅକ୍ଷମ ବରଂ ଏହା ନିର୍ବାଚନ କମିଶନଙ୍କ ନାଗରିକତା ଯାଞ୍ଚ କରିବାର ଅକ୍ଷମତାକୁ ଦର୍ଶାଏ।

# ଖୋଲିବ ହରମୁଜ୍ ପ୍ରଣାଳୀ !



ନୂଆଦିଲ୍ଲୀ, ୨୭।୫: ଆମେରିକା ସହିତ ତେହେରାନର ଏକ ଢାଞ୍ଚାଗତ ଚୁକ୍ତି ହୋଇଛି। ଏହି ଅନୁଯାୟୀ ଏକ ମାସ ମଧ୍ୟରେ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ଯୁଦ୍ଧ ପୂର୍ବ ସ୍ତରକୁ ଫେରାଇ ଅଣାଯିବ। ଯେଉଁଥିରେ ଇରାନର ନିକଟବର୍ତ୍ତୀ ଅଞ୍ଚଳରୁ ଆମେରିକୀୟ ସେନା ପ୍ରତ୍ୟାହାର ମଧ୍ୟ ଅନ୍ତର୍ଭୁକ୍ତ। ଇରାନର ସରକାରୀ ଟେଲିଭିଜନ ବୁଧବାର ଏହି ରିପୋର୍ଟ କରିଛି। ରିପୋର୍ଟରେ କୁହାଯାଇଛି ଯେ ଆମେରିକା ଇରାନ ଜାହାଜ ଚଳାଚଳର ନୌସେନା ଅବରୋଧ ସମାପ୍ତ କରିବ, ଯାହା ଯୁଦ୍ଧର ଅନ୍ତ ପାଇଁ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ହେଉଥିବା ବୁଝାମଣାପତ୍ରକୁ ଉଦ୍ଧୃତ କରି କୁହାଯାଇଛି।

## ବାଜିଲା ଉପନିର୍ବାଚନ ବିଗୁଲ

## ପୁଣି ରାଜ୍ୟସଭା ଯାଇପାରନ୍ତି ଦେବାଶିଷ

ଭୁବନେଶ୍ୱର, ୨୭।୫(ନିପ୍ର): ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଇସିଆଇ(ଭାରତୀୟ ନିର୍ବାଚନ କମିଶନ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଖାଲି ହୋଇଥିବା ଗୋଟିଏ ଆସନ ପାଇଁ ହେବ ନିର୍ବାଚନ । ଜୁନ୍ ୧ରେ ବିଧିବଦ୍ଧ ବିଜ୍ଞପ୍ତି ସହ ନାମାଙ୍କନ ଆରମ୍ଭ ହେବ। ଜୁନ୍ ୮ ନାମାଙ୍କନର ଶେଷ ତାରିଖ, ୯ରେ ନାମାଙ୍କନପତ୍ର ଯାଞ୍ଚ ହେବ । ଜୁନ୍ ୧୧ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଜୁନ୍ ୧୮ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ହେବ ଭୋଟିଂ ହେବ। ଜୁନ୍ ୧୮ ଅପରାହ୍ନ ୫ଟାରେ ଗଣତି, ୨୦ ସୁଦ୍ଧା ସରିବ ପ୍ରକ୍ରିୟା । ରାଜ୍ୟସଭା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏବେ ପୁଣି ଆଉ ଗୋଟିଏ ସିଟ୍ ବିଜେପିର ବଢିବ । ସୁଜିତ୍ କୁମାର, ମମତା ମହନ୍ତ ଇସ୍ତଫା ଦେଇ ପୁଣି ରାଜ୍ୟସଭା ଗଲେ । ଯିଏ ଇସ୍ତଫା ଦେଇ ଆସିଛନ୍ତି, ତାଙ୍କ ସମ୍ଭାବନା ଅଧିକ ରହିଛି ବୋଲି ସେ କହିଛନ୍ତି । ତେବେ କିଏ ପ୍ରାର୍ଥୀ ହେବେ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ ।

# ଗିରଫ ହେଲେ ଟିଏମ୍‌ସି ବିଧାୟକ ଦିଲୀପ

## ବିରୋଧୀ କାର୍ଯ୍ୟକର୍ତ୍ତାଙ୍କୁ ଧମକ ଦେଇଥିବା ଅଭିଯୋଗ



ପୁରୀ, ୨୭।୫(ନିପ୍ର): ପଶ୍ଚିମବଙ୍ଗ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଏବଂ ଡାୟମଣ୍ଡ ହାର୍ବର୍ ପୋଲିସର ଏକ ମିଳିତ ଟିମ୍ ଦକ୍ଷିଣ ୨୪ ପ୍ରଗଣାର ବିଷ୍ଣୁପୁରରୁ ଅଭିଯୁକ୍ତ ଦିଲୀପ ମଣ୍ଡଳଙ୍କୁ ଓଡ଼ିଶାର ପୁରୀର ଏକ ହୋଟେଲରୁ ଗିରଫ କରିଛି। ସେ ଟିଏମସିର ଜଣେ ବିଧାୟକ। ସୂଚନା ଅନୁସାରେ, ଦିଲୀପ ମଣ୍ଡଳଙ୍କ ଏକ ଭିଡିଓ ଭାଇରାଲ୍ ହୋଇଥିଲା, ଯେଉଁଥିରେ ସେ ବିରୋଧୀ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ତଥାପି, ଭିଡିଓର ସତ୍ୟତା ସ୍ୱାଧୀନ ଭାବରେ ପ୍ରମାଣିତ ହୋଇନାହିଁ ।ଏହି ମାମଲାରେ ଥାନାରେ ଅଭିଯୋଗ ଦାଖଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ୧୪ ମଇରେ ଫୈଲାନରେ ଥିବା ତାଙ୍କ ଘରେ ଚଢାଉ କରାଯାଇଥିଲା। ସେତେବେଳେ ସେ ଘରେ ଉପସ୍ଥିତ ନ ଥିଲେ। ପରବର୍ତ୍ତୀ ସମୟରେ ଦୁଇ ଦିନ ପୂର୍ବରୁ ଏସଟିଫ୍ ସୂଚନା ପାଇଥିଲା ଯେ ସେ ପୁରୀର ଏକ ହୋଟେଲରେ ରହୁଛନ୍ତି। ଏହି ସୂଚନା ଆଧାରରେ ଏସଟିଏଫ୍ ଓ ଡାୟମଣ୍ଡ ହାର୍ବର୍ ପୋଲିସ ହୋଟେଲରେ ଚଢାଉ କରି ରେଜିଷ୍ଟର ଯାଞ୍ଚ ପରେ ତାଙ୍କ କୋଠରିରୁ ତାଙ୍କୁ ଗିରଫ କରିଥିଲେ ।ଏହି ମାମଲାରେ ପୂର୍ବରୁ ଅର୍ଘ୍ୟ ମଣ୍ଡଳଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ, ସେମାନେ ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରିଥିବା ସହ ଗିରଫ ସମୟରେ ଅସ୍ତ୍ର ମଧ ଉଦ୍ଧାର ହୋଇଥିଲା ବୋଲି ଦାବି କରାଯାଇଛି।


सत्यमेव जयते





**ପବିତ୍ର ଇଦ୍-ଉଲ୍-ଜୁହା-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଲ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ବମପାଟି)

OIPR-15001/15001/2/26-27/0046

15001/46/2627



**ଇଦ୍-ଉଲ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜୀବନର ଜଟିଳତାରେ ପୂର୍ଣ୍ଣାଙ୍ଗ ଶିକ୍ଷା

ଜୀବନ ଜଟିଳ । ପ୍ରତିଟି ମୁହୂର୍ତ୍ତ ସଂଘର୍ଷପୂର୍ଣ୍ଣ । ସୃଷ୍ଟିକର୍ତ୍ତା ମନୁଷ୍ୟକୁ ଶକ୍ତି ଦେଇଛନ୍ତି ଯାହାଦ୍ୱାରା ମନୁଷ୍ୟ ସମସ୍ତ ବିରୋଧୀ ଶକ୍ତିର ସମ୍ମୁଖୀନ ହେଲେ ମଧ୍ୟ ନିଜର ଅନ୍ତର୍ନିହିତ ଶକ୍ତି ପ୍ରତି ବିଶ୍ୱାସ ରଖିବା ହିଁ ଧ୍ୟେୟ । ଯାହା ଦେବତା କିମ୍ବା ଦାନବଙ୍କୁ ପ୍ରଦାନ କରାଯାଇ ନାହିଁ କିନ୍ତୁ ମାନବକୁ ପ୍ରଦାନ କରାଯାଇଛି ତାହା ହେଲା ଚେତନା ସତ୍ତା । ଆମକୁ କେବଳ ସେହି ଚୈତନ୍ୟ ସତ୍ତା ନିକଟରେ ପହଞ୍ଚିବାର ଅଛି, ଯେଉଁଠି କେବଳ ଆନନ୍ଦକୁ ହିଁ ଉପଲବ୍ଧି କରିପାରିବା । ଏଥିପାଇଁ ଆମକୁ ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା ରହିଛି । ଯାହାଦ୍ୱାରା ଆମେ ସଂଘର୍ଷମୟ ଜୀବନରେ ମଧ୍ୟ ଆନନ୍ଦ ପାଇପାରିବା । ଅନ୍ୟ ସବୁ ଶିକ୍ଷା ବ୍ୟବସ୍ଥାର ବିକଳ୍ପ ରୂପେ ଆବିର୍ଭାବ କରାଇବା ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ନୁହେଁ । ବୃହତ୍ତମ ଲକ୍ଷ୍ୟର ଉପଲବ୍ଧି ପାଇଁ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ସୁଦୂରପ୍ରସାରୀ ଦୃଷ୍ଟି ଧାରକ ମାତ୍ର ଅଟେ।

ଏହି ଶିକ୍ଷା ଗ୍ରହଣ କରି ଶିଶୁ ନିଜ ସ୍ୱଭାବରେ ନିଜେ ସଂଯମିତ ଓ ସମ୍ପ୍ରସାରିତ ହୋଇ ପାରନ୍ତି । ଏହି ଶିକ୍ଷା ମାଧ୍ୟମରେ ଶିଶୁର ଚିନ୍ତାଧାରା ସ୍ୱାଧୀନ ହୋଇ ବଢ଼ିବା ସହିତ ବାସ୍ତବତାକୁ ଉପଲବ୍ଧି କରେ ଏବଂ ନିଜର ଭବିଷ୍ୟତକୁ ସଠିକ ରୂପେ ଆକଳନ କରିପାରେ । ବାସ୍ତବରେ ପ୍ରକୃତ ଶିକ୍ଷା ହେଲା ଜଣେ ନିଜକୁ ସେତିକି ଉନ୍ନତ କରି ନିଜ ମଧ୍ୟରୁ ସମସ୍ତ ସମ୍ଭାବନାକୁ ଉନ୍ମୋଚନ କରିପାରିବ । ପ୍ରତ୍ୟେକ ଶିଶୁ ନିଜ ଶରୀର, ପ୍ରାଣସତ୍ତା, ମନୋମୟ ବ୍ୟକ୍ତିତ୍ୱରେ ଏକ ଆତ୍ମପୁରୁଷ ଗଠନ କରିବା ପାଇଁ ନିହିତ ଶକ୍ତି ଧାରଣ କରି ପାରେ।

ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ବିଶେଷତ୍ୱ ରହିଥାଏ । ଏଣୁ ଶିକ୍ଷାଟି ଚତୁର୍ବିଧ ହେବା ଆବଶ୍ୟକ । ଉନ୍ନତ ଶିକ୍ଷା ମାଧ୍ୟମରେ ଇନ୍ଦ୍ରିୟଗୁଡ଼ିକୁ ଧୀ ଶକ୍ତିମନ୍ତ କରାଯାଇ ପାରେ। ଶିଶୁ ଭିତରେ ଗ୍ରହଣଶୀଳତାର ପରିପ୍ରକାଶ ହୋଇଥାଏ। ଶିଶୁ



କିପରି ସତ୍ୟକୁ ଜାଣିବ,ବୁଝିବ, ଚିହ୍ନିବ ଏବଂ ଅନ୍ଧବିଶ୍ୱାସ ସବୁକୁ ତର୍ଜମା କରି ସତ୍ ମାର୍ଗରେ ପରିଚାଳିତ ହୋଇପାରିବ ଶିକ୍ଷା ହିଁ ପ୍ରକୃତ ମାର୍ଗଦର୍ଶକ। ଇନ୍ଦ୍ରିୟକୁ ସଂଯତ କରିବା ଓ ଇନ୍ଦ୍ରିୟ ଦ୍ୱାରା ସତ୍ୟନିଷ୍ଠ ଉପଯୋଗର ଶକ୍ତି ଶିକ୍ଷାରେ ହିଁ ଉଦୀୟମାନ।

**ସେଇଥିପାଇଁ ଚାଣକ୍ୟ କହିଛନ୍ତି:-**

'ଅସତୋ ମାଂ ସତ୍ ଗମୟ
ତମସୋ ମାଂ ଜ୍ୟୋତିର୍ ଗମୟ
ମୃତ୍ୟୁର୍ ମାଂ ଅମୃତଃ ଗମୟ ।'



ଏଣୁ ଶିଶୁ କୁପଥଗାମୀ ହେବାର ସମ୍ଭାବନା ହିଁ ନ ଥାଏ । ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ଶିଶୁ ସମଗ୍ରତାକୁ ଆପଣେଇବାର କଳା ଶିକ୍ଷା ଲାଭ କରିଥାଏ। ତେଣୁ ଆମେ କେଉଁ ମାଧ୍ୟମରେ ଆମର ନୂତନ ଯୁବ ପିଢ଼ିଙ୍କୁ କିପରି ଗଢ଼ିବା ତାହା ପରମ ଯୋଗୀ ଶ୍ରୀଅରବିନ୍ଦଙ୍କ ମାର୍ଗ ଦର୍ଶନରେ ଅନ୍ତର୍ନିହିତ ରହିଛି । ସମଗ୍ର ବିଶ୍ୱରେ ଭାରତ ନିଶ୍ଚିତ ରୂପରେ ଏକ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ହୋଇ ଗୁରୁ ରାଷ୍ଟ୍ର ରୂପେ ଆଦୃତ ହେବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଶିଶୁ ମଧ୍ୟରେ ଯୁକ୍ତିବାଦିତା ଗୁଣର ଅଭିବୃଦ୍ଧି ଲୁକ୍କାୟିତ ରୂପେ ଅବସ୍ଥିତ। ଶିଶୁ ସ୍ୱୟଂ ଆତ୍ମ ପରୀକ୍ଷଣ କରେ । ଶିକ୍ଷା ଦ୍ୱାରା ଶରୀର ଯେପରି ଦୃଢ଼, ନମନୀୟ ଓ କମନୀୟ ହୋଇପାରିବ ଯାହା ଦ୍ୱାରା କି ଜଗତରେ ସଂଘର୍ଷ କରିବା ନିମନ୍ତେ ଯଥାର୍ଥ ଯନ୍ତ୍ରବତ୍ ଶକ୍ତିର ଆବିର୍ଭାବ ସୃଷ୍ଟି ହୋଇପାରିବ ଏବଂ ସତ୍ ଶକ୍ତି ଶରୀର ମଧ୍ୟମରେ କିପରି ପ୍ରକାଶିତ ହୋଇପାରିବ ତାହା ହିଁ ଶିକ୍ଷାରୁ ଅନୁକରଣୀୟ। ଆଧ୍ୟାତ୍ମିକ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ଶିଶୁ ଭିତରେ ଏକ ସୁସ୍ଥ ଓ ନିରାମୟ ଜୀବନ ନେଇ ବଞ୍ଚିବା ପାଇଁ କୌଣସି ଅନ୍ତର୍ନିହିତ କୋଳାହଳ ବିନା ଆତ୍ମବିଶ୍ୱାସ ସୃଷ୍ଟି କରାଏ । ଏହି ବିଶ୍ୱାସକୁ ଆଧାରକରି ଜୀବନରେ ଆଗେଇ ଯିବାରେ ହିଁ ଶ୍ରେୟ। ମନସ୍ତାତ୍ତ୍ୱିକ ଶିକ୍ଷା ଶିଶୁ ମଧ୍ୟରେ ଅନୁସନ୍ଧାନର ସ୍ପୃହା ଜାଗ୍ରତ କରାଏ । ଯାହା ମଣିଷକୁ ଏକ ମନ ସତ୍ତା ଶକ୍ତି ସମ୍ପନ୍ନତାର ପରିଚୟ ଦେଇଥାଏ । ଶେଷରେ, ଚୈତ୍ୟ ଶିକ୍ଷା ମାଧ୍ୟମରେ ନିଜ ଭିତର ପରମ ସତ୍ୟକୁ ପ୍ରସ୍ଫୁଟିତ କରେ । ତେଣୁ ଶିଶୁମାନେ ଯଦି ଏହି ଶିକ୍ଷା ଧାରାରେ ଅନୁପ୍ରାଣିତ ହେବେ,ତେବେ ଜୀବନର ପ୍ରତିଟି ସଂଘର୍ଷରେ ନିଶ୍ଚୟ ବିଜୟୀ ହେବେ। କୌଣସି ପରିସ୍ଥିତିରେ ବି ହାରିବେ ନାହିଁ । ଏହା ହିଁ ପ୍ରକୃତରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ।

*ଅଧ୍ୟାପିକା ଅଞ୍ଜନା ପଟନାୟକ*
*ମୋ: ୮୦୯୩୫୩୨୫୩୪*

## ଈଶ୍ୱରଙ୍କୁ ସ୍ମରଣ

*ଈଶ୍ୱରଙ୍କୁ ସ୍ମରଣ କରିବା ଅର୍ଥ ହେଉଛି ପ୍ରାର୍ଥନା, ଧ୍ୟାନ, ଧନ୍ୟବାଦ ଦେବା ଏବଂ ତାଙ୍କ ବିଶ୍ୱସ୍ତତାକୁ ସ୍ମରଣ କରିବା ଭଳି ଅଭ୍ୟାସ ମାଧ୍ୟମରେ ସକ୍ରିୟ ଭାବରେ ତାଙ୍କର ଉପସ୍ଥିତି, ଶିକ୍ଷା ଏବଂ ମଙ୍ଗଳକୁ ମନେ ପକାଇବା, ଯାହା ଆଧ୍ୟାତ୍ମିକ ଧ୍ୟାନ ବଜାୟ ରଖିବା, କଷ୍ଟକର ସମୟରେ ଶକ୍ତି ପାଇବା ଏବଂ କାର୍ଯ୍ୟରେ ତାଙ୍କ ପ୍ରେମକୁ ପ୍ରତିଫଳିତ କରି ଉଦ୍ଦେଶ୍ୟ ସହିତ ବଞ୍ଚିବାରେ ସାହାଯ୍ୟ କରେ। ଏହା ସଂଯୁକ୍ତ ରହିବା, ଆପଣଙ୍କ ଜୀବନ ଏବଂ ଜଗତରେ ତାଙ୍କ ଭୂମିକାକୁ ସ୍ୱୀକାର କରିବା ଏବଂ ତାଙ୍କ ନାମକୁ ପ୍ରଶଂସା କରିବା ଏବଂ ତାଙ୍କ ଗୁଣଗୁଡ଼ିକ ଉପରେ ଧ୍ୟାନ କରିବା ଏକ ସଚେତନ, ପ୍ରୟାସୀ କାର୍ଯ୍ୟ।*



# ସହାୟତା ପାଇବାକୁ ଶିଷ୍ଟାଚାର ଜାଣିବା ଜରୁରୀ

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରିକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲେ। କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି



ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ ।

## ଇତିହାସ ପାଲଟିଲାଣି

# ଶଗଡ଼ ଗାଡ଼ି

କାଁ ଭାଁ କେତୋଟି ଗାଁରେ ଏବେବି କିଛି ଶଗଡ଼ ଅତୀତର ସ୍ମୃତିକୁ ଉଦ୍‌ଜୀବିତ କରି ରଖିଛି। ସତେ ଯେମିତି ଏସବୁ ଅପମୃତ୍ୟୁ ଅପେକ୍ଷାରେ ରହିଛନ୍ତି!



ଏକଦା ଗାଁ ଲୋକଙ୍କ ଯାତ୍ରୀ ପରିବହନର ଏକମାତ୍ର ମାଧ୍ୟମ ଥିଲା ଶଗଡ଼ ଗାଡ଼ି । ଗ୍ରାମ୍ୟ ଅର୍ଥନୀତିର ଏକ ପ୍ରମୁଖ ବାହକ ଥିଲା ଶଗଡ଼ ଗାଡ଼ି । କୃଷି, ମାଲ୍ ଓ ଯାତ୍ରୀ ପରିବହନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଏହାର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଥିଲା । ହେଲେ ସେଇ ଯାନଟି ଏବେ ଇତିହାସ ପାଲଟିବାକୁ ଯାଉଛି । ସମୟର କଷଟି ପଥରରେ ହଜିଯିବାକୁ ବସିଛି ଗ୍ରାମୀଣ ସଂସ୍କୃତିର ଅନ୍ୟତମ ବାର୍ତ୍ତାବହ ଶଗଡ଼ ଗାଡ଼ି । ଓଡ଼ିଆ ଜନଜୀବନ ସହ ଏକଦା ଯାହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା, ତାହା ହୁଏତ ଆଉ କିଛି ଦିନ ପରେ କେବଳ ସ୍ମୃତି ହୋଇ ରହିଯାଇପାରେ । ବୋହୂଟିଏ ଶାଶୂ ଘରକୁ ଯିବାବେଳେ ଖୋଜା ପଡୁଥିଲା ଶଗଡ଼ ଗାଡ଼ି । ଗାଁ ଯାନିଯାତ୍ରାରେ ଦେବୀଙ୍କ ଆଗମନ ଓ ବିଦାୟ ସମୟରେ ଲୋଡ଼ା ପଡୁଥିଲା । ଗାଁରୁ ଦୂରଦୂରାନ୍ତକୁ ଯିବାକୁ ହେଲେ ଏହି ପାରମ୍ପରିକ ଯାନଟି ଉପରେ ଲୋକେ ଭରସା କରୁଥିଲେ । ସେହିପରି ଚାଷ ଆରମ୍ଭରୁ ଧାନ ଅମଳ ହୋଇ ଘରକୁ ଆସିବା ଯାଏଁ ଚାଷୀଙ୍କୁ ବିନା ଇନ୍ଧନଚାଳିତ ତଥା ପରିବେଶ ଅନୁକୂଳ ଏହି ଯାନ ଦରକାର ହେଉଥିଲା । ଧୀରେ ଧୀରେ ଏହା ଗ୍ରାମ ଅର୍ଥନୀତିର ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟି ଯାଇଥିଲା । ପକ୍କା ସଡ଼କରୁ ଆରମ୍ଭ କରି କଚ୍ଚା ରାସ୍ତା ସବୁଠି ଗଡ଼ି ଲୋକଙ୍କୁ ଆଗେଇ ନେଉଥିଲା ଶଗଡ଼ ଗାଡ଼ି । ପୂର୍ବରୁ ଗାଁ ଗହଳିର ଲୋକମାନେ ରାସ୍ତାଘାଟ ନଥିଲେ ମଧ୍ୟ ଶଗଡ଼ ଗାଡ଼ିରେ ଗନ୍ତବ୍ୟପଥକୁ ଅନାୟାସରେ ଯାଆସ କରି ପାରୁଥିଲେ । କାଦୁଅ ପଚପଚ ରାସ୍ତା ହେଉ କି ଅଳ୍ପ ପାଣିରେ ନଦୀ ପାର କରିବା ହେଉ, ଆରପଟକୁ ମାଲ୍ ଓ ଯାତ୍ରୀଙ୍କୁ ନେବା ଆଣିବା କରିପାରୁଥିଲା । ଚାଷ କ୍ଷେତରେ ଶଗଡ଼ର ଭରପୂର ଉପଯୋଗ କରୁଥିଲା ଚାଷୀ ପୁଅ । ଧାନ ତଳିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା ହେଉ କିମ୍ବା ଧାନ କଟା ପରେ ତାକୁ ବିଲରୁ ଖଳାକୁ ଆଣିବା ଅଥବା ଧାନ ଅମଳ ପରେ ତାକୁ ଅଖାରେ ପୂରାଇ ଘରକୁ ନେବା ଓ ଚାଉଳ କରିବା ପରେ ତାକୁ ବଜାରରେ ବିକ୍ରି କରିବା... ଏସବୁ କାମରେ ଚାଷୀକୁ ସାଥ୍ ଦେଉଥିଲା ଶଗଡ଼ ଗାଡ଼ି । ଏଥିପାଇଁ ଭଲ ଗୋରୁ କିମ୍ବା ପୋଢ଼ ଯୋଗାଡ଼ କରି ଚାଷୀ ପୁଅ ଶଗଡ଼କୁ ସଜାଡ଼ି ରଖୁଥିଲା । ଆହୁରି ଶଗଡ଼ ଚକ ଓ ଅଖ ଆଦି ପ୍ରସ୍ତୁତି ହେଉ ବା ମରାମତି, ତାହା ଉପରେ ଭରସା କରି ବଢ଼େଇ, କମାର ମଧ୍ୟ କିଛି କିଛି ଆୟ କରିପାରୁଥିଲେ। ହେଲେ ଏବେ ଆଉ ସେଦିନ ନାହିଁ । ଏବେ ଗାଁ ଗହଳି ସବୁଠି ରାସ୍ତାଘାଟ ହୋଇସାରିଲାଣି । କେଉଁଠି ପିଚୁ ରାସ୍ତା ତ କେଉଁଠି କଂକ୍ରିଟ୍ ରୋଡ୍ । ଅପରପକ୍ଷରେ ମଧୁର ଗ୍ରାମ୍ୟ ଜୀବନ ଏବେ ଆଧୁନିକତାର ଚାକଚକ୍ୟରେ ହଜିଯିବାକୁ ବସିଛି । ଲୋକେ ଦୁଇଚକିଆ, ଚାରିଚକିଆ, ମୋଟରଚାଳିତ ଯାନର ସଉକିନ୍ ହୋଇ ସାରିଲେଣି । ଏଣୁ ଇତିହାସ ପାଲଟିବାକୁ ବସିଛି ଶଗଡ଼ ଗାଡ଼ି ଓ ପ୍ରାଚୀନ ଗ୍ରାମୀଣ ସଂସ୍କୃତି । କାଁ ଭାଁ କେତୋଟି ଗାଁରେ ଏବେବି କିଛି ଶଗଡ଼ ଅତୀତର ସ୍ମୃତିକୁ ଉଦ୍‌ଜୀବିତ କରି ରଖିଛନ୍ତି । ସତେଯେମିତି ଏସବୁ ମଧ୍ୟ ଅପମୃତ୍ୟୁ ଅପେକ୍ଷାରେ ରହିଛନ୍ତି । କେବଳ ନାମକୁ ମାତ୍ର ଘର କୋଣରେ କେଉଁଠି କେମିତି ପଡ଼ି ରହିଛି ଏହାର ଚକ କିମ୍ବା ଭଙ୍ଗାଦଦରା ଅଂଶ।







## ଆସିକା ଅଞ୍ଚଳରେ ମ୍ୟାଲେରିଆ ଜ୍ୱରରେ ବହୁ ଆକ୍ରାନ୍ତ

ଆସିକା (ନିପ୍ର): ଆସିକା ଅଞ୍ଚଳରେ ବହୁ ଅଞ୍ଚଳବାସୀ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି । ଏହାର ମୂଳ କାରଣରେ ରହିଛି ଗ୍ରାମାଞ୍ଚଳରେ ମଶା ଉପଦ୍ରବ । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ ଭାରତ ଅଭିଯାନ ପାଇଁ ଅନେକ ଯୋଜନା କରିଛନ୍ତି । ଏହା କେବଳ ନାମକୁମାତ୍ର କିଛି କରାଯାଇଥିବା ବେଳେ ବର୍ତ୍ତମାନ ସୁଧା ଗ୍ରାମାଞ୍ଚଳକୁ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇରହିଛି । ଗ୍ରାମାଞ୍ଚଳ ଡ୍ରେନ୍ ପ୍ରାୟ ନାହିଁ । ପଞ୍ଚାୟତ ଅଧିନରେ ନାମକୁ ମାତ୍ର ଡ୍ରେନ୍ ଥିବାବେଳେ ତାକୁ ନିୟମିତ ସଫା କରାଯାଉ ନାହିଁ । ପଞ୍ଚାୟତକୁ ବହୁ ଯୋଜନା ସହ ଲକ୍ଷ ଲକ୍ଷ ଟଙ୍କାର ଉନ୍ନୟନ କାର୍ଯ୍ୟ କରୁଥିବା ବେଳେ ପଞ୍ଚାୟତ ଅଧିନ କୌଣସି ସଫେଇ କର୍ମଚାରି ନାହାନ୍ତି । ବର୍ଷ ତମାମ ଋତୁ ଅନୁଯାଇ ମଧ୍ୟ ସଫେଇ କରାଯାଏ ନାହିଁ । ପଞ୍ଚାୟତ ଅଧିନ ନା ବ୍ଲିଚିଙ୍ଗ, ନା ଫିନାଇଲ ରହିନାହିଁ । ସଫେଇ ଗାଡି ମଧ୍ୟ ନାହିଁ । ପୂର୍ବରୁ ମ୍ୟାଲେରିଆ ଆକ୍ରାନ୍ତରେ ବହୁ ଲୋକ ଆକ୍ରାନ୍ତ ହୋଇ ମରୁଥିଲେ । ପରବର୍ତ୍ତି ସମୟରେ ମତିଷ୍କ ମ୍ୟାଲେରିଆ ମୃତ୍ୟୁ ସରକାରଙ୍କ ଚିନ୍ତାର କାରଣ ହୋଇଥିଲା । ଏଥିପାଇଁ ପ୍ରତ୍ୟେକ ମେଡିକାଲ ସାଙ୍ଗକୁ ବ୍ଲକ ପଞ୍ଚାୟତ ଗୁଡିକରେ ମ୍ୟାଲେରିଆ ନିରାକରଣ ବିଭାଗ ରହି ପ୍ରଚାର, ସଚେତନ, ସଫେଇ ନିୟମିତ, ପ୍ରତ୍ୟେକ ଜ୍ୱର ଆକ୍ରାନ୍ତ ବ୍ୟକ୍ତି ରକ୍ତ ନମୁନା ସଂଗ୍ରହ କରି ମ୍ୟାଲେରିଆ ପରୀକ୍ଷା କରାଯାଇ ଔଷଧ ମାଗଣା ପ୍ରଦାନ କରାଯାଉଥିଲା । ଯାହାଫଳରେ ମ୍ୟାଲେରିଆ , ମାଇ ଏନୋଫିଲିସ ମଶା ଦମନ ସାଙ୍ଗକୁ ମ୍ୟାଲେରିଆ ପ୍ରାଦୁର୍ଭାବ କମିଥିଲା । ବର୍ତ୍ତମାନ ନୂତନ ସରକାର ଆସିବା ପରେ ସହରାଞ୍ଚଳ, ଗ୍ରାମାଞ୍ଚଳ ସଫେଇ ନ ହେବା ଫଳରେ ମଶା ବ୍ୟାପି ମ୍ୟାଲେରିଆ ବ୍ୟାପିବାରେ ଲାଗିଛି । ବେଳଥାଉ ଥାଉ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ନ ନେଲେ ଏହା ବ୍ୟାପକ ହେବା ସମ୍ଭାବନାକୁ ଏଡେଇ ଦିଆଯାଇପାରିବନି ।

## ଗଜପତି ପ୍ରକଳ୍ପ ଅଧିକାରୀଙ୍କ କାଶୀନଗର ଗସ୍ତ




କାଶୀନଗର (ନିପ୍ର): ଗଜପତି ଜିଲ୍ଲା ଗ୍ରାମୀଣ ପ୍ରକଳ୍ପ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପି. ଡ଼ି.) (ଡ଼ି.ଆର.ଡ଼ି.ଏ ) ଦୟାମୟ ପାଢ଼ୀ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଗସ୍ତ କରି ପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହ ପରିଷଦକୁ ଆଦାୟ ହେଉଥିବା ବିଭିନ୍ନ ବିଷୟରେ ସମୀକ୍ଷା କରିବା ସହ ପରିଷଦ ସମ୍ମୁଖରେ ଚାଲୁ ରହିଥିବା ପୋଖରୀ ଖନନ କାର୍ଯ୍ୟର ତଦାରଖ କରି ଶ୍ରୀରାମ ଡିଗ୍ରୀ କଲେଜ ନିକଟରେ ନିର୍ମାଣ ଧୀନ ପରିଷଦ କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ପାଚେରୀ ପରିଦର୍ଶନ କରିଥିଲେ । ଏହି ସମୟରେ ପରିଷଦ ଅଧକ୍ଷା ଏମ ସୁଦ୍ଧା ରାଣୀ ଓ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହାପରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ କରି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଥିବା ନିରାମୟ ଔଷଧ ବଣ୍ଟନ କେନ୍ଦ୍ର,ରକ୍ତ ପରୀକ୍ଷା ନିଦାନ କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ଲେବରଟେରୀ ଯାଞ୍ଚ କରି ମେଡିକାଲ ଅଫିସର ସୋମ୍ୟ ରଞ୍ଜନ ଦାଶଙ୍କ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । କାଶୀନଗର ପଞ୍ଚାୟତ ସମିତି ଅଧୀନରେ ଥିବା ଭୂପତି ଲକ୍ଷ୍ମୀପୁର ଗ୍ରାମରେ ଥିବା ବହୁମୁଖୀ ଆଶ୍ରୟ ସ୍ଥଳ ଓ ସେହି ଗ୍ରାମର ତିନୋଟି ଅନ୍ତୋଦୟ ଗୃହ ଯୋଜନା ଅନ୍ତର୍ଭୁକ୍ତ ନିର୍ମାଣଧୀନ ଗୃହ ସବୁ ପରିଦର୍ଶନ କରିଥିଲେ । ପ୍ରକଳ୍ପ ଅଧିକାରୀଙ୍କ ଗସ୍ତ ସମୟରେ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ଓ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ଉପସ୍ଥିତ ଥିଲେ ।

## 'ପୋଷଣ ଭି ପଢାଇ ଭି'ର ତ୍ରିଦିବସୀୟ କର୍ମଶାଳା




ଆସିକା(ନିପ୍ର): ମହିଳା ଶିଶୁବିକାଶ ବିଭାଗ ପକ୍ଷରୁ ଜନ୍ମିତ ଶିଶୁମାନଙ୍କ ଶୈଶବ ଓ ଶିକ୍ଷା ନିମନ୍ତେ ତ୍ରୀଦିବାସୀୟ କର୍ମଶାଳା ପୋଷଣ ଭି ପଢାଇ ଭି କାର୍ଯ୍ୟକ୍ରମକୁ ଆସିକା ବ୍ଲକ ସଭାଗୃହ ଠାରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଉଦ୍‌ଘାଟନ କରିଛନ୍ତି । ଏହି କର୍ମଶାଳା ଆସିକା ସମନ୍ୱିତ ଶିଶୁ ମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା ବେଳେ ଏହି ଉଦଘାଟନ ଉତ୍ସବରେ ଆସିକା ଏ ବିଡ଼ିଓ ସୁଶାନ୍ତ କୁମାର ବେହେରା ସଂଗୀତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଜନ୍ମିତ ଶିଶୁ ମାନଙ୍କ ଶୈଶବ ଓ ଶିକ୍ଷାନିମନ୍ତେ ତ୍ରୀଦିବାସୀୟ କର୍ମଶାଳାରେ ଆସିକା ସିଡିପିଓ ଅଧୀନ ୧୧ଟି ସେକ୍ଟରର ୨୫୧ ଜଣ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି କିପରି ଜନ୍ମ ଠାରୁ ୬ବର୍ଷ ଶିଶୁଙ୍କ ମାନସିକ ବିକାଶ କରିବା କିପରି ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା କରାଇବା, ସମସ୍ତ ଶିଶୁଙ୍କ ଠାରୁ ପୃଷ୍ଟିହୀନତା ଦୁରକରିବା, ଶିଶୁ ମାନଙ୍କ ଶାରୀରିକ ମାନସିକ ଅଭିବୃଦ୍ଧି କରିବା ଉପରେ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରଶିକ୍ଷଣକୁ ପ୍ରଶିକ୍ଷକ ଭାବେ ଆସିକା ସେକ୍ଟର ସୁପରଭାଇଜର ଦୀପ୍ତି ଧୋବା, କୁମୁଦିନୀ ପାତ୍ର, ରଂଯୁକ୍ତା ସ୍ୱାଇଁ, ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଛନ୍ତି ।

## ଏସଆଇଆର ଉପରେ ବିଏଲଓ ଓ ସୁପରଭାଇଜରଙ୍କୁ ତାଲିମ



କେନ୍ଦ୍ରାପଡ଼ା,(ନିପ୍ର): ନିର୍ଭୁଲ, ସ୍ୱଚ୍ଛ ଏବଂ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିକୁ ଲକ୍ଷ୍ୟ ରଖି ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ସ୍ତରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସଚେତନ ଓ ପ୍ରଶିକ୍ଷିତ କରାଯାଇଥିଲା । ରାଜନଗର ଓ ପଟ୍ଟାମୁଣ୍ଡାଇରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଆଳି ଓ ରାଜକନିକାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଗରଦପୁରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡ଼ାରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଏବଂ ମାର୍ଶାଘାଇରେ ବିଡିଓ ଅମୀୟ କୁମାର ସ୍ୱାଇଁ ଓ ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ । ତାଲିମ ସମୟରେ ଅଧିକାରୀମାନେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିଷ୍ଠା ଏବଂ ଦାୟିତ୍ୱବୋଧ ସହ କାର୍ଯ୍ୟ କରି ମତଦାତାଙ୍କ ବିଶ୍ୱାସ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ । ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ମୂଳ ଆଧାର ଭାବେ ଉଲ୍ଲେଖ କରାଯାଇଥିଲା ।

# ଜାଳେଣି ଗ୍ୟାସ କଳା ବଜାରୀ

## ଗ୍ୟାସ ବିତରଣରେ ଅନିୟମିତତା : ଗ୍ରାହକ ଅସନ୍ତୋଷ ବୃଦ୍ଧି

ନିମାପଡ଼ା, (ନି.ପ୍ର.): ନିମାପଡ଼ାରେ ଅଦ୍ୟାବଧି ଘରୋଇ ଜାଳେଣୀ ଗ୍ୟାସ ଉତ୍କଟ ଅଭାବ ଜାରି ରହିଥିଲେ ହେଁ କାଁ ଭାଁ ବିତରକ ସଠିକ୍ ଢ଼ଙ୍ଗରେ ଗ୍ୟାସ ସିଲିଣ୍ଡର ବିତରଣ କରୁଥିବା ଲକ୍ଷ୍ୟ କରାଯାଇଛି । ଇଣ୍ଡେନ୍ ଗ୍ୟାସ ଏବଂ ଏଚ୍‌ପି ଗ୍ୟାସ ବିତରକ ଆବଶ୍ୟକ ମୁତାବକ ବୁକିଂ କରିଥିବା ଗ୍ରାହକଙ୍କୁ ଗ୍ୟାସ ଦେଉଥିବା ବେଳେ ନିର୍ଦ୍ଦିଷ୍ଟ ଏକ ଗ୍ୟାସ ବିତରକ ଗ୍ୟାସ ସିଲିଣ୍ଡର ଦେବାରେ ଗ୍ରାହକଙ୍କୁ ନାନା ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଗ୍ରାହକମାନେ ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳି ନଥିବା ସୂଚନା ମିଳିଛି । ଅନେକ ଗ୍ରାହକ ଅନ୍‌ଲାଇନ ବୁକିଂ କରିଥିଲେ ହେଁ ଉକ୍ତ ଗ୍ୟାସ ବିତରକ ସଠିକ୍ ସମୟରେ ଗ୍ୟାସ ନ ଦେବା, ଏକ ସଙ୍ଗେ ଗ୍ୟାସ ଦେବା ପାଇଁ ପୂର୍ବ ସୂଚନା ଦେବାରୁ ଗ୍ରାହକମାନେ ଡ଼ିପୋ ଠାରେ ରାତି ୩ଟାରୁ ଲମ୍ବା ଲାଇନ ଲଗାଇ ଥିବା ଦୃଷ୍ଟିଗୋଚର ହୋଇଛି । ପ୍ରବଳ ଖରାରେ ଗ୍ରାହକମାନେ ସିଲିଣ୍ଡର ଧରି ନିମାପଡ଼ା-ବଳଙ୍ଗା ରାସ୍ତାର ଡ଼ିଏଭି ସ୍କୁଲ ନିକଟ ଉକ୍ତ ଗ୍ୟାସ ଡ଼ିପୋ ସାମ୍ନାରେ ଲାଇନ ଲଗାଇ ଗ୍ୟାସ ନେବା ପାଇଁ ଦିନ ତମାମ୍ ଅପେକ୍ଷା କରୁଥିବା ସତ୍ୱେ କେତେକଙ୍କୁ ଗ୍ୟାସ ମିଳୁଛି ତ କେତେଜଣଙ୍କୁ ଆଜି ଆସ କାଲି ଆସ କହି ଫେରାଇ ଦେଇଥିବା ସଂପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅତୀତରେ ଏହି ବିତରକ ଅନେକ ଅନିୟମିତତାରେ ସଂଶ୍ଳିଷ୍ଟ ହୋଇଥିବାରୁ କମ୍ପାନୀ କର୍ତୃପକ୍ଷ ଗ୍ୟାସ ଯୋଗାଣ ବନ୍ଦ କରି ଦେଇଥିବାର ଦୃଷ୍ଟାନ୍ତ ରହିଛି । ଗ୍ରାହକ ମାନଙ୍କୁ ସନ୍ତୋଷ ଜନକ ଉତ୍ତର ମିଳୁ ନଥିବା ବେଳେ ଯେଉଁମାନେ ଗ୍ରାହକଙ୍କ ଘରେ ସିଲିଣ୍ଡର ଦେଉଛନ୍ତି, ଉତ୍କୋଚ ଦାବି କରୁଥିବା ନେଇ ନାନା କଥା ଶୁଣିବାକୁ ମିଳୁଛି । ଅଦ୍ୟାବଧି ସିଲିଣ୍ଡର ପିଛା ୨ ହଜାର ୨୫୦୦ ଟଙ୍କାରେ ବିକ୍ରି ହେଉଥିବା କେତେକ ଦୋକାନୀ ସୂଚନା ଦେଇଥିବା ବେଳେ ଅନେକ ଦୋକାନୀ ଅତ୍ୟଧିକ ଦର ବୃଦ୍ଧି ଓ କଳା ବଜାର ଯୋଗୁଁ ଦୋକାନ ସବୁ ବନ୍ଦ କରିଥିବା ଲକ୍ଷ୍ୟ କରାଯାଇଛି । ଗ୍ରାହକମାନେ ଟୋକନ ପାଇଥିଲେ ମଧ୍ୟ ଗ୍ୟାସ ମିଳୁ ନଥିବା ଅଭିଯୋଗ ହେଉଛି ।

## କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ(ନିପ୍ର): ଜିଲ୍ଲା, ବ୍ଲକ, ନଗର, ପଂଚାୟତ ଓ ସର୍ବୋପରି ନୂଆ କଂଗ୍ରେସ କମିଟିମକୁ ସଂଗଠିତ କରି ଅଧିକ କ୍ରିୟାଶୀଳ ଓ ମଜବୁତ କରିବାକୁ ଭଦ୍ରକ ଜିଲ୍ଲା ପାରିବର୍ଦ୍ଧିତ କମିଟିର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଂପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ସହ ପ୍ରଭାରୀ ମୟୂର ଏସ ଜୟକୁମାର ଆହ୍ୱାନ ଦେଇଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ସଭାପତି ନଳୀନୀକାନ୍ତ ମହାରିଙ୍କ ସଭାପତିତ୍ୱରେ ଓ ରାଜ୍ୟ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ଭଦ୍ରକ ପ୍ରଭାରୀ ଦେବାଶିଶ ପଟ୍ଟନାୟକ, ଉପସଭାପତି ସସ୍ମିତା ବେହେରାଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲାକଂଗ୍ରେସ କାର୍ଯ୍ୟାଳୟ ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଶକରେ ଶ୍ରୀ ଜୟକୁମାର ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଦଳକୁ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି ଜିଲ୍ଲା ଉପ ସଭାପତିମାନଙ୍କୁ ବିଭିନ୍ନ ବ୍ଲକର ପ୍ରଭାରୀଭାବେ ନିଯୁକ୍ତ କରିବା ସହ ଯେଉଁ ବ୍ଲକ, ନଗର, ପଞ୍ଚାୟତରେ କମିଟି ଗଠନ ହୋଇନାହିଁ ସେଠାରେ ଆଗାମୀ ୭ଦିନ ମଧ୍ୟରେ ଗଠନ କରି ଜିଲ୍ଲା ସଭାପତିଙ୍କ ନିକଟରେ ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦଳୀୟ ପଦାଧିକାରୀଙ୍କୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ଜୟକୁମାର କହିଥିଲେ ଯେ; ଗାନ୍ଧୀ ପରିବାରର ଦେଶ ପ୍ରତି ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ । ଦେଶର ସାଧାରଣ ଜନତାଙ୍କ ପ୍ରତି ତ୍ୟାଗ ଓ ସମର୍ପଣ ଓ ସେବା ଭାବ ଇତିହାସରେ ଲିପିବଦ୍ଧ ହୋଇ ରହିବ ।

## ଜୁନ୍ ୧ ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପ୍ରବେଶିକା ପରୀକ୍ଷା

କଟକ (ନିପ୍ର): ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ ୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୋଲକାତା ନିଯୁକ୍ତି ଜୋନରେ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୭ ଟି ସହରର ୨୬ ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଓଡ଼ିଶା ପାଇଁ, ଏହି ପରୀକ୍ଷା କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ କରାଯିବାକୁ ସ୍ଥିର ହୋଇଛି । ଚଳିତ ମାସ ୧୫ ତାରିଖରୁ ୱେବସାଇଟରେ ପ୍ରବେଶ ପତ୍ର ଉପଲବ୍ଧ ହେଉଛି । ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ପ୍ରବେଶ ପତ୍ର ପାଇ ନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଅ ନ ଲା ଇ ନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ ।

## ଭୈରବୀ ପୀଠରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନିରାକାରପୁର (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଶିକ୍ଷାନୁଷ୍ଠାନ 'ବିଦ୍ୟାର୍ଥୀ ଟ୍ୟୁଟୋରିଆଲ୍' ପକ୍ଷରୁ ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଶୀପୁରସ୍ଥିତ ପ୍ରସିଦ୍ଧ ମା' ଭୈରବୀ ପୀଠ ପ୍ରାଙ୍ଗଣରେ ଏହି ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ବିଦ୍ୟାର୍ଥୀ ଟ୍ୟୁଟୋରିଆଲରୁ ମୋଟ ୪୭ ଜଣ ସରସ୍ୱତୀ ସାଧକ ପରୀକ୍ଷା ଦେଇଥିବା ବେଳେ ସମସ୍ତ ୪୭ ଜଣ ଯାକ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ବଜାୟ ରଖିଛନ୍ତି । ଏଥିସହିତ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଅନୁଷ୍ଠାନ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଏହି ପରୀକ୍ଷାରେ ଲୋସମିନ୍ ଭୁଜବଳ (୫୬୪ ନମ୍ବର),ସୁନୟନା ବିଶ୍ୱାଳ (୫୬୨ ନମ୍ବର),କାଜଲ ସାହୁ (୫୫୮ ନମ୍ବର),ତନୁଶ୍ରୀ ଜେନା (୫୫୮ ନମ୍ବର),ସୁଜାତା ପରିଡ଼ା (୫୪୬ ନମ୍ବର),ଲିପ୍ସା ପ୍ରିୟଦର୍ଶିନୀ ପ୍ରଧାନ (୫୪୬ ନମ୍ବର),ସତ୍ୟବାନ ପାଇକରାୟ (୫୪୫ ନମ୍ବର),ବିଶ୍ୱଦେବ ବରିଶଳ (୫୪୩ ନମ୍ବର),ଲିପ୍ସା ରାଜନନ୍ଦିନୀ ପ୍ରଧାନ (୫୪୨ ନମ୍ବର) ଓ ରାଜସ୍ମିତା ସାହୁ (୫୪୦ ନମ୍ବର) ପ୍ରମୁଖ ବିଶେଷ ସଫଳତା ହାସଲ କରିଛନ୍ତି ।

## ଅନନ୍ତ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

ବୁଗୁଡ଼ା, (ନିପ୍ର): ବୁଗୁଡ଼ା ବ୍ଲକ୍ କଲୋନୀ ସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଅନନ୍ତ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରତିଭା ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ଓ ପୋଲସରା ବ୍ଲକର ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା କୃତୀ ଛାତ୍ରଛାତ୍ରୀ ଏବଂ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ପରୀକ୍ଷାର ବ୍ଲକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନନ୍ତ ଫାଉଣ୍ଡେସନର ଅଧକ୍ଷ ବିକାଶ କୁମାର ମଲ୍ଲିକ ଏବଂ ସମ୍ପାଦକ ସୌଭାଗ୍ୟ ରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସମାଜ ଗଠନରେ ମେଧାବୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବୁଗୁଡ଼ା ଓ ପୋଲସରା ଅଞ୍ଚଳର ଅନେକ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କ ସମେତ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ପରୀକ୍ଷାରେ ବୁଗୁଡ଼ା ଏବଂ ପୋଲସରା ବ୍ଲକ ଟପ୍ପର ହୋଇ ସଫଳତା ହାସଲ କରିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ପକ୍ଷରୁ ମନ୍ତ୍ରୀଙ୍କ ଦ୍ୱାରା ମାନପତ୍ର, ସ୍କୁଲ ବ୍ୟାଗ, ହାତ ଘଣ୍ଟା ଏବଂ ଏକ ଡାଏରୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

## ଟେରାକୋଟା ହସ୍ତଶିଳ୍ପ କାରିଗରଙ୍କୁ ଆଧୁନିକ ଯନ୍ତ୍ରପାତି ବଣ୍ଟନ



କଟକ(ନିପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାରଙ୍କ ଅଧୀନସ୍ଥ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକ ତରଫରୁ କମ୍ପ୍ରେହେନ୍ସିଭ ହାଣ୍ଡିକ୍ରାଫ୍ଟସ କ୍ଲଷ୍ଟର ଡେଭଲପମେଣ୍ଟ ସ୍କିମ (ସିଏଚସିଡିଏସ ) ଯୋଜନା ଅନ୍ତର୍ଗତ କଟକ ଜିଲ୍ଲାର ବିଭିନ୍ନ ବ୍ଲକର ଟେରାକୋଟା ହସ୍ତଶିଳ୍ପ କାରିଗରମାନଙ୍କ ଉନ୍ନତି ଓ ଆର୍ଥିକ ସଶକ୍ତିକରଣ ଉଦ୍ଦେଶ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର ଗଡ଼ମା ଠାରେ ଏକ ଆଧୁନିକ ଯନ୍ତ୍ରପାତି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଟେରାକୋଟା କାରିଗରମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି, ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ ସୁଦୃଢ଼ କରିବା ସହ ଆଧୁନିକ ପ୍ରଯୁକ୍ତି ସହ ସମନ୍ୱୟ ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା କାରିଗରମାନେ ନିଜ ଉତ୍ପାଦନକୁ ଅଧିକ ସୁନିୟୋଜିତ ଓ ବଜାର ଉପଯୋଗୀ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ସୁଶାନ୍ତ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକର ହସ୍ତଶିଳ୍ପ ବିକାଶ ଅଧିକାରୀ ମାନସ ରଞ୍ଜନ ସେଠୀ, ଦୀପ୍ତିମୟୀ ପ୍ରଧାନ ଓ ସ୍ୱାଗତିକା ନାୟକଙ୍କ ସମେତ ଡିସି, ହ୍ୟାଣ୍ଡିକ୍ରାଫ୍ଟସ୍, ଭୁବନେଶ୍ୱରର ହସ୍ତଶିଳ୍ପ ବିକାଶ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଉପସ୍ଥିତ କାରିଗରମାନେ ସରକାରଙ୍କ ଏହି ଲୋକାଭିମୁଖୀ ପଦକ୍ଷେପକୁ ସ୍ୱାଗତ କରିବା ସହ ଏହା ତାଙ୍କର କାର୍ଯ୍ୟଦକ୍ଷତା, ଉତ୍ପାଦନ ମାନ ଓ ଆୟ ବୃଦ୍ଧିରେ ଦୂରଗାମୀ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ କରିଥିଲେ ।

## ବ୍ଲକ ବିତ୍ତ ଅଧିକାରୀଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ ପଦୋନ୍ନତି ସହ ଅନ୍ୟତ୍ର ବଦଳି ହୋଇଥିବା ଜଣାଯାଇଛି । ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ତାଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ବ୍ଲକ ଅଧକ୍ଷା ସରୋଜିନୀ ତରେଇ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଅମୀୟ କୁମାର ପଣ୍ଡା ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ମୁଖ୍ୟକିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି,,ସିପି ପ୍ରଭାତ କୁମାର ଜେନା,ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ସମାଜ ମଙ୍ଗଳ ଅଧିକାରି ପ୍ରତ୍ୟୁଷ ରଥ, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ମନରେଗା ସହାୟକ ସୌରୀରାଣୀ ଜେନା,ରାଜସ୍ୱ ସହାୟକ କାଶୀମ ମହମ୍ମଦ,ଆଲୋକ କୁମାର ଖୁଣ୍ଟିଆ,ଉମାକାନ୍ତ ମିଶ୍ର, ମନୋରଞ୍ଜନ ସାହୁ,ଅମିତ କୁମାର ତାଡ଼, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା, ବେଗା ହାଁସଦା,ବିପ୍ଳବ କେଶରୀ ପ୍ରଧାନ, ଜ୍ୟୋତି ପ୍ରକାଶ ସ୍ୱାଇଁ, ରମେନ୍ଦ୍ର ନାରାୟଣ କର ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ । କୃଷ୍ଣପ୍ରସାଦ ବ୍ଲକରେ ବିତ୍ତ ଅଧିକାରୀଙ୍କ କାର୍ଯ୍ୟକାଳ ସମୟରେ ଅନେକ ଲୋକହିତକର କାର୍ଯ୍ୟ କରାଇଥିବା ନେଇ କର୍ମଚାରୀ ମାନେ ମତ ପ୍ରକାଶ କରିଥିଲେ ।

## ଆସିକା ବିଜେଡି ପକ୍ଷରୁ ବ୍ଲକ ତହସିଲରେ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର




ଆସିକା(ନିପ୍ର): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଡ଼ିଓ ଜନ ପ୍ରତିନିଧିମାନଙ୍କୁ ଅଣ ଦେଖା କରିବା,ବେଆଇନ ବାଲି ଘାଟ ଚାଲିବା ଏବଂ ସରୋଜ ପାଢ଼ୀ ଛକ ନାମ କରଣ,ପଞ୍ଚାୟତ ସମିତି ବୈଠକ ନିୟମିତ ନହେବା ନେଇ ଦାବିପତ୍ର ଉପଜିଲ୍ଲାପାଳ ଭଞ୍ଜନଗରଉମାଶଙ୍କର ବେହେରା , ତହସିଲଦାର ସଂଗୀତା ସେଣ , ବିଡ଼ିଓ ରାଜେନ୍ଦ୍ର ପ୍ରାସାଦ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଦଳ ଆସିକା ପଞ୍ଚାୟତ କିଛି ଜଣ ବ୍ୟକ୍ତି ବିଶେଷ ଓ ଯନ୍ତ୍ରୀମାନେ ବ୍ଲକରେ କରୁଥିବା ଏକଛତ୍ର ବାଦ ଶାସନ ବିରୁଦ୍ଧରେ ସାଂସଦ ପାଣ୍ଠି ,ବିଧାୟକପାଣ୍ଠି ,ଏମଜୀଏନଆରଜିଏସ ପାଣ୍ଠି, କେନ୍ଦ୍ରଖାଦ୍ୟ ଯୋଗାଣ, ରାଜ୍ୟଖାଦ୍ୟ, ଜିଲ୍ଲା ପରିଷଦ ପାଣ୍ଠିରୁ କାମ ସରିଲା ପରେ ମଧ୍ୟ ବିଲ ପୈଠ ନାକରିବା ବିରୁଦ୍ଧରେ ବିଡ଼ିଓ ରାଜେନ୍ଦ୍ର ନାୟକଙ୍କ ସହ ଆଲୋଚନା କରିବା ସହ ଆଗାମୀ ସାତ ଦିନ ମଧ୍ୟରେ ଯଦି ବିଲ ପାସ ନହୁଏ ତେବେ ଶାନ୍ତି ପୂର୍ଣ୍ଣ ଧାରଣା ଦେବାକୁ ଚେତାବନୀ ଦେବା ସହ ଏକ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଦସ୍ତଖତରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିଭଳି ତହସିଲଦାର ସଂଗୀତା ସେଣଙ୍କ ସହ ଆଲୋଚନା କରି ନରସିଂହପଲ୍ଲୀ ବାଲିଘାଟ ଏବଂ ସରୋଜ ନଗରକୁ ଆଇନ ଅନୁସାରେ ନହୋଇଥିବାରୁ ଏହାକୁ ତୁରନ୍ତ ହଟାଇବାକୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏଥିସହିତ ଉପଜିଲ୍ଲାପାଳ ଭଞ୍ଜନଗର ଉମା ଶଙ୍କର ବେହେରାଙ୍କୁ ଭେଟି ବିଡ଼ିଓଙ୍କ ମନମୁଖୀ ଶାସନ ବିଷୟରେ ଅବଗତ କରିବା ସହ ଆସିକାର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରି ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ କରିବା ପାଇଁ ବିଜେଡି ଜିଲ୍ଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା, ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ସରପଞ୍ଚ ସଙ୍ଘ ସଭାପତି ଭବାନୀ ଶଙ୍କର ମଲ୍ଲିକ, ସରପଞ୍ଚ ଜୟ ସେନ ସ୍ୱାଇଁ, ମନୋଜ ପରିଡା, ଦେବରାଜ ନାହାକ, ପୌରାଞ୍ଚଳ ଉପାଧକ୍ଷା ଜୟନ୍ତୀ ବିଷୋୟୀ,ଗଞ୍ଜାମ ଜିଲ୍ଲା ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ,ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଅନିଲ ନାହାକ, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା,ସମିତି ସଭ୍ୟ, ତ୍ରିନାଥ ବେହେରା, କାଉନସିଲର ନିଗମାନନ୍ଦ ରାଉତ, ନିରଞ୍ଜନ ଜେନା, ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

ତିଥି :(ଦ୍ୱାଦଶୀ): (ଚିତ୍ରା ତୁଳା)

ଅମୃତ ବେଳା: ଦିବା ଘ ୨ ।୩୭ ଗତେ ଘ ୫ ।୧ ମଧ୍ୟେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରତ୍ୟୟ ସୃଷ୍ଟି ହୋଇଛି

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସମଗ୍ର ବିଶ୍ୱରେ ଶକ୍ତି ସଂକଟ କ୍ରମେ ଗୁରୁତର ଆକାର ଧାରଣ କରୁଥିବାବେଳେ ନିକଟରେ ଦିଲ୍ଲୀରେ ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରୁ ସକାରାତ୍ମକ ବାର୍ତ୍ତା ବିଶ୍ୱ ଉଦ୍ଦେଶ୍ୟରେ ରହିଛି। ତୈଳ ଆମଦାନି ଲାଗି ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ଭାବରେ ପରିଚିତ ସାମୁଦ୍ରିକ ପ୍ରଣାଳୀ ହର୍ମୁଜ । ଏହାକୁ ନେଇ ଇରାନ-ଆମେରିକା ମଧ୍ୟରେ ତିକ୍ତତାର ଅବସାନ ଘଟିଲାଣି। ଏହି ପ୍ରଣାଳୀ ଯେବେଠାରୁ ପ୍ରଭାବିତ ହେଲାଣି ତୈଳ ଆମଦାନିରେ କ୍ଷୀଣତା ହିଁ ପରିଲକ୍ଷିତ ହେବା ପଛରେ ଆମେରିକାର ଅହଂ ଯେତିକି ଦାୟୀ ଇରାନର ଜିଦ୍‌ଖୋରତା ସମପରିଣାମରେ ଦାୟୀ। ଏହି ସାମୁଦ୍ରିକ ପ୍ରଣାଳୀ ଉପରେ ଇରାନ ତାର ଏକଚାଟିଆ କ୍ଷମତା ପ୍ରଦର୍ଶନ କରିବା ସାଙ୍ଗକୁ ଟୋଲ ଆଦାୟ ନେଇ ଉପୁଜିଥିବା ସ୍ଥିତି ଅଧିକ ଘନୀଭୂତ ହେଉଛି ସିନା ହ୍ରାସ ହେବାର ନାଁ ଧରୁ ନାହିଁ। କ୍ୱାଡ୍ ବା କ୍ୱାଡିଲେଟରାଲ୍ ସିକ୍ୟୁରିଟି ଡାଇଲଗ୍ ସଂଗଠନରେ ଅନ୍ତର୍ଭୁକ୍ତ ଅଛନ୍ତି ଭାରତ ସମେତ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ।ଏମାନଙ୍କ ଚିନ୍ତନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ସ୍ମରଣ କରାଯାଇପାରେ ଯେ ଢେର୍ ଦିନ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ହର୍ମୁଜ ଖୋଲିବା ନେଇ ବରାବର ଗୁରୁତ୍ୱ ଦେଇଆସୁଥିବା ସାରା ବିଶ୍ୱ ଜାଣେ। ଏବେ କ୍ୱାଡ୍ ବୈଠକରେ ସମାନ ସ୍ୱର ତୋଳିଛନ୍ତି ଅଷ୍ଟ୍ରେଲିଆ ବୈଦେଶିକ ବ୍ୟାପାର ମନ୍ତ୍ରୀ ପେନିଓ୍ୱଙ୍ଗ। ଯାହା ସେ ଉଲ୍ଲେଖ କରିଛନ୍ତି ତାହାର ନିର୍ଯାସ ହେଉଛି - ସାମୁଦ୍ରିକ ପଥର ସ୍ୱାଧୀନତା ବଜାୟ ରଖାଯିବା ସର୍ବାଦୌ ଆବଶ୍ୟକ। ଏଥିରେ କୌଣସି ପ୍ରକାର ଟିକସ ବା ଟୋଲ୍ ଲାଗୁ କରାଯିବା ଉଚିତ ନୁହେଁ।

ଭାରତ ପକ୍ଷରୁ ଅନ୍ତର୍ଜାତୀୟସ୍ତରରେ ସର୍ବଦା ଉଦ୍‌ଘୋଷଣା କରାଯାଇଛି ଯେ ଭାରତ ଆତଙ୍କବାଦ ପ୍ରତି ସର୍ବଦା 'ଶୂନ ସହନଶୀଳତା' ପ୍ରଦର୍ଶନ କରିବ। କ୍ୱାଡ୍ ବୈଠକରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏ ପ୍ରସଙ୍ଗ ଦୋହରାଇବାର ଉଦ୍ଦେଶ୍ୟ କ୍ୱାଡ୍ ସଂଗଠନଭୁକ୍ତ ଦେଶ ନିଜ ସୁରକ୍ଷା କରିବା ଦୃଷ୍ଟିରୁ ସଂପୂର୍ଣ୍ଣ ଅଧିକାର ପ୍ରାପ୍ତ। ଏହି କାରଣରୁ ଆତଙ୍କୀ ଆକ୍ରମଣର ମୁକାବିଲାର ଶୂନ୍ୟ ସହନଶୀଳତାକୁ ହିଁ ପ୍ରଶ୍ରୟ ଦିଆଯିବ।

କ୍ୱାଡ୍ ବୈଠକରେ ମୁଖ୍ୟତଃ ତିନିଟି ବଡ଼ ନିଷ୍ପତ୍ତି ସଂପର୍କରେ ଚର୍ଚ୍ଚା ସାମ୍ନାକୁ ଆସୁଛି। ତାହା ହେଉଛି ଫିଜିରେ 'ପୋର୍ଟସ ଅଫ୍ ଦି ଫ୍ୟୁଚର' ନାମରେ ଆରମ୍ଭ କରାଯିବ ଏକ ନୂଆ ବନ୍ଦର ପ୍ରକଳ୍ପ। ଏହା ବ୍ୟତୀତ ସମୁଦ୍ର ଗର୍ଭରେ ଇଣ୍ଟରନେଟ୍ କେବୁଲ ବିଛେଇବା ଲାଗି କ୍ୱାଡ୍‌ଭୁକ୍ତ ରାଷ୍ଟ୍ରଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରିବେ। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକ ପାଇଁ ମିଳିତ ଢାଞ୍ଚା ପ୍ରସ୍ତୁତ କରାଯିବ। ପରିଶେଷରେ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳର ଶକ୍ତି ଯୋଗାଣ ସୁରକ୍ଷିତ ରଖିବା ନିମିତ୍ତ ନୂଆ ପଦକ୍ଷେପ ଗ୍ରହଣ କରାଯିବ। କ୍ୱାଡ୍ ବୈଠକର ନିର୍ଯାସ ହେଉଛି ମୁଖ୍ୟତଃ ଆତଙ୍କବାଦର ମୁକାବିଲା, ସାମୁଦ୍ରିକ ସୁରକ୍ଷା ଓ ଶକ୍ତି ଯୋଗାଣକୁ ସୁରକ୍ଷିତ ରଖିବାରେ ମିଳିତ ପ୍ରଚେଷ୍ଟା ଆଗକୁ ବଢ଼ାଇବା। ଯୁଦ୍ଧର ବିଭୀଷିକା ମଧ୍ୟପ୍ରାଚ୍ୟରେ ବଜାୟ ରହିଥିବା ବେଳେ କ୍ୱାଡ୍ ବୈଠକର ଏସବୁ ନିଷ୍ପତ୍ତି ଯୁଦ୍ଧ ନୁହେଁ ବରଂ ବିକାଶର ବାର୍ତ୍ତା ବିଶ୍ୱକୁ ଦେଇଛି। ମୁଖ୍ୟତଃ ଚୀନ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ତାହାର ପ୍ରଭାବ ବିସ୍ତାରିତ କରୁଥିବା ପରିପ୍ରେକ୍ଷୀରେ କ୍ୱାଡ୍‌ର ଏକତ୍ର ଭାବ ଦିନେ ଶକ୍ତ ଜବାବ ରଖିବ, ଯାହାଦ୍ୱାରା ଚୀନ୍‌ର ଦାଦାଗିରିକୁ ଦବାଇବାରେ ଏହା କାର୍ଯ୍ୟ କରିବ, ଏପରି ପ୍ରତ୍ୟୟ ସୃଷ୍ଟି ହୋଇଛି। କାରଣ କ୍ୱାଡ୍ ଅନ୍ତର୍ଭୁକ୍ତ ୪ ଶକ୍ତିଙ୍କ ପ୍ରଭାବ ସାରା ବିଶ୍ୱରେ ରହିଛି।

# ସଡ଼କ କଡ଼ ଅସୁରକ୍ଷିତ !

**ପ୍ରଦୋଷ କୁମାର ଦାସ**

ପୂର୍ବରୁ ସଭ୍ୟତାର ବିକାଶ ଓ ଜନବସତି ସ୍ଥାପନ ବିଶେଷ କରି ନଈ ନାଳ ସମେତ ପ୍ରାକୃତିକ ଜଳ ଉତ୍ସ ଯେପରିକି ଛୋଟବଡ ନଦୀ ତଥା ସାଗର, ହ୍ରଦ ଧାରରେ ଗଢିଉଠିଥିଲା। ବାହାର ଅଞ୍ଚଳ ସମେତ ସ୍ଥାନୀୟ ଜନସାଧାରଣ ବାସିନ୍ଦାଙ୍କର ଦୈନନ୍ଦିନ ତଥା ବ୍ୟବସାୟିକ ଯାତ୍ରା ଓ ବାଣିଜ୍ୟିକ ପରିବହନ ପାଇଁ ନାଆ, ଡଙ୍ଗା, ଜଳଜାହାଜ ଆଦି ମାଧ୍ୟମରେ ଗମନାଗମନ ପଥ ମଧ୍ୟ ତଦନୁରୂପ ଜଳପଥରେ ହିଁ ଉନ୍ମୁକ୍ତ ରହିଥିଲା।

ତେବେ ଆଧୁନିକ ସଭ୍ୟତାର ବିକାଶ ତଥା କ୍ରମବର୍ଦ୍ଧିଷ୍ଣୁ ଜନବସତିର ଗନ୍ତବ୍ୟର ମୂକସାକ୍ଷୀ ସ୍ୱରୂପ ଦେଶର ବିଭିନ୍ନ ପ୍ରାନ୍ତରର ସ୍ଥଳଭାଗର ଉନ୍ନତିକରଣ ହୋଇ ସଡକପଥର ବିକାଶ ହେବା ସହିତ ଯାନ୍ତ୍ରିକ ଯାନବାହନର ଉଦ୍ଭାବନ ହୋଇଥିଲା। ଏଥିରେ ଏହାର ସୁଖମୟ, ସୁରକ୍ଷିତ ଯାତାୟାତ ନିମନ୍ତେ ସଡ଼କ ପଥରେ ନିତିଦିନିଆ ଯାନବାହନ ଚଳାଚଳର ସୁବିଧା ସୁଯୋଗ ପାଇ ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିଲା। ଯାନବାହନରେ ଯାତାୟାତ ପାଇଁ ଆଗ୍ରହ ବୃଦ୍ଧି ହୋଇ ଲୋକଙ୍କର ସ୍ଥାନକାଳପାତ୍ରରେ ସମୁଚିତ ସଦୁପଯୋଗ ନିମନ୍ତେ ବିଭିନ୍ନ ଅଞ୍ଚଳକୁ ସଡ଼କ ପଥରେ ପାରସ୍ପରିକ ସଂଯୋଗୀକରଣ ହୋଇ ଏକାଧିକ ସଡ଼କ ପଥ ନିର୍ମାଣ ହେଲା। ତତ୍କାଳ ମାଲ ଆଦି ବାଣିଜ୍ୟିକ ସୁପରିବହନ ତଥା ଜନସାଧାରଣଙ୍କର ଅକ୍ଳେଶରେ ସୁରକ୍ଷିତ ତଥା ସାବଲୀଳ ଭାବେ ନିୟମିତ ଯାତ୍ରା ନିମନ୍ତେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ସଡକପଥର ବିକାଶ ଜରୁରୀ ହୋଇପଡ଼ିଲା।

ପ୍ରାକାଶଥାଉକି, ୨୦୨୬ ମସିହା ପ୍ରାରମ୍ଭ ସୁଦ୍ଧା ଆମର ସମଗ୍ର ଭାରତବର୍ଷରେ ବିଭିନ୍ନ ଜାତୀୟ ରାଜପଥର ବିକାଶ ହୋଇ ଏବେ (୫୯୯) ୬ ଶହରୁ ଉର୍ଦ୍ଧ୍ୱ ଜାତୀୟ ରାଜପଥ ବିଭିନ୍ନ ରାଜ୍ୟ ପାରସ୍ପରିକ ଯାତାୟାତ ପଥର ଆନ୍ତଃ ରାଜ୍ୟ ତଥା ରାଜ୍ୟବ୍ୟାପୀ ସଡ଼କ ସଂପର୍କର ସଂଯୋଗ ସ୍ଥାପନ ହୋଇପାରିଛି। ଏଥିରେ ଆମ ରାଜ୍ୟ ଓଡ଼ିଶାରେ ୧୬ ରୁ ଉର୍ଦ୍ଧ୍ୱ ବିଭିନ୍ନ ଶ୍ରେଣୀର ଜାତୀୟ ରାଜପଥ ରହିଛି। ଜାତୀୟ ରାଜପଥକୁ ସଂଯୋଗ କରିବାକୁ ଗ୍ରାମରୁ ସହରାଞ୍ଚଳ ଯାଏଁ ଗ୍ରାମ ଉନ୍ନୟନ ରାସ୍ତା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ସହାୟତାରେ ସଡ଼କପଥ, ପୂର୍ତ୍ତ ବିଭାଗ ସଡ଼କ ପଥ ସମେତ ବିଭିନ୍ନ ସଡ଼କ ପଥ ରହିଛି। ଦୁଃଖ ଓ ପରିତାପର ବିଷୟ, ଆଇନ ନାଲି ଆଖିକୁ ଆଠ କରି ବେପରୁଆ ମନୋଭାବ ଯୋଗୁଁ କିଛି ମତଲବୀ ଲାଭଖୋର ଲୋକେ ନିଜର ବେପାର ବଣିଜ ବୃଦ୍ଧି କରିବା ପାଇଁ ଆବଶ୍ୟକ ସ୍ଥାନ ଆବଶ୍ୟକ କରି ପାଖ ସଡ଼କଧାରକୁ ଆବୋରି ନେବାକୁ ସର୍ବନିମ୍ନ କୁଣ୍ଠାବୋଧ କରିନଥାନ୍ତି । ଏଣୁ ସ୍ଥଳ ବିଶେଷରେ ଆମଦେଶର କୌଣସି ଅଞ୍ଚଳରେ ବିଭିନ୍ନ ଜାତୀୟ ରାଜପଥ କଡ, ଅନ୍ୟାନ୍ୟ ସଡ଼କ ପଥ ସ୍ଥିତ ଉଭୟ ପାର୍ଶ୍ୱ ସଂଲଗ୍ନ ରାସ୍ତା /ବର୍ମ ( ସଡ଼କ କଡ଼ ସ୍ଥିତ ମାଟି ରାସ୍ତା ) ଜବରଦଖଲ ମୁକ୍ତ ହୋଇପାରୁନାହିଁ। ଯାତାୟାତ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବେଆଇନ ଉଚ୍ଛେଦ ଚାଲିବା ଅବସରରେ ଭଙ୍ଗାରୁଜା ହେଉଛି, ପୁଣି ଉଇ ହୁଙ୍କା ପରି ବେଆଇନ ନିର୍ମାଣ ଗଢିଉଠୁଛି। ଏହା ବାସ୍ତବରେ ଜାତୀୟ ସ୍ୱାର୍ଥର ପରିପନ୍ଥୀ।

ଜଣେ ଅସାମାଜିକ ଭାବେ ସଡ଼କ କଡ଼ରେ ବେଆଇନ ନିର୍ମାଣ କରିପାରେ। ହେଲେ ସେ ଭୁଲ୍ କଲା ବୋଲି ଅନ୍ୟମାନେ ଅନୁରୂପ ବେଆଇନ ନିର୍ମାଣ କାର୍ଯ୍ୟକୁ ଅନୁକରଣ କରିବା କେତେ ଦୂର ଯଥାର୍ଥ ଅଟେ ? ମଝିରେ ମଝିରେ ପ୍ରଶାସନିକ ନିର୍ଦ୍ଦେଶରେ ଅନେକ ସ୍ଥାନରେ ବେଆଇନ ନିର୍ମାଣ କାର୍ଯ୍ୟ ଜେସିବି ଲଗାଇ ଭାଙ୍ଗି ଦିଆଯାଉଛି। ଜୀବନ ଜୀବିକା ବିପନ୍ନ ମଣିଷମାନଙ୍କ କଲବଲ ସମସ୍ତେ ହେଉଥିବା ଜାଣନ୍ତି। ଏହାକୁ ସେହି ଜବରଦଖଲକାରୀ ବୁଝିବା ଦରକାର। ସଡକଧାରରେ ଆପଣା ଜୀବନକୁ ବିପନ୍ନ କରି ବେପାରରେ ମୁନାଫା ସମେତ ଉପାର୍ଜନ କରିବା ପାଇଁ ଅନ୍ୟ ଗରାଖଙ୍କର ଜୀବନକୁ ଅଯଥାରେ ଦୁର୍ଘଟଣା ଆଡ଼କୁ ଟାଣି ନେବା କ'ଣ ଯୁକ୍ତି ସଙ୍ଗତ ଅଟେ ? ଆମେ ସମସ୍ତେ ଏଦିଗରେ ଯତ୍ନବାନ ହେବାକୁ ପଡିବ। ବେଆଇନ ନିର୍ମାଣ କାର୍ଯ୍ୟରୁ ନିଜକୁ ଦୂରେଇବା ଜରୁରୀ। ଆମକୁ ଆଇନ କାନୁନ ବ୍ୟବସ୍ଥା ବିରୋଧରେ ଯିବା ଅନୁଚିତ ବୋଲି ବୁଝିବାକୁ ପଡ଼ିବ।

ସଡ଼କ କଡ଼ରେ ବେଆଇନ ନିର୍ମାଣ, ବେପାର ବଣିଜ ବଢିଲେ, ଲୋକଙ୍କର କିଣାବିକା ପାଇଁ ବେଆଇନ ପାର୍କିଂ ବଢିବ, ଭିଡ଼ ମଧ୍ୟ ବୃଦ୍ଧି ପାଇବ। ଏଥିରେ ସଡ଼କ ପଥ ସଂକୁଚିତ ହେବା ସହିତ ଜାତୀୟ ରାଜପଥ ଉପରେ ଚଳାଚଳ କରୁଥିବା ଦ୍ରୁତଗାମୀ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିବା ସହିତ ପଥଚ୍ୟୁତ ଯାନବାହନ ରାସ୍ତାରେ ଦଣ୍ଡାୟମାନ ପଥଚାରୀ ଓ ଦୋକାନ ଉପରେ ଚଢ଼ିଯାଇ ଅଯଥାରେ ଦୁର୍ଘଟଣାଗ୍ରସ୍ତ ହୋଇ ଅକାଳରେ ଜୀବନ ହାନିର କାରଣ ହେବାରେ ଦ୍ୱିରୁକ୍ତି ନାହିଁ। ଶେଷରେ ଏତିକି କୁହାଯାଇପାରେ, ନ୍ୟାୟପାଳିକାର, ଏକପ୍ରକାର ସାମାଜିକ ସୁରକ୍ଷା ସମସ୍ୟାର ଅପନୋଦନ ପାଇଁ ନ୍ୟାୟିକ ଛାଟ ମାରିପାରେ। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। (ଶେଷଭାଗ)

ଖୋର୍ଦ୍ଧା, ମୋ- ୬୩୭୦୪୯୫୯୪୪

# ଜନଗଣନାର ଆବଶ୍ୟକତା

**ଡାକ୍ତର ରାଜକିଶୋର ପଣ୍ଡା**

> ସ୍ୱାଧୀନତା ପରେ ପ୍ରଥମ ଜନଗଣନା ୧୯୫୧ ମସିହାରେ ହୋଇଥିଲା ଓ ସେବେଠାରୁ ନିୟମିତ ଭାବରେ ଏହା ହୋଇ ଆସୁଛି। ଏହା ଜନଗଣନା ନିୟମ ବା ସେନସସ୍ ଆକ୍ଟ ୧୯୪୮ ଅନୁଯାୟୀ ହୋଇଥାଏ। ଏହାକୁ ପ୍ରସ୍ତୁତ କରିଥିଲେ ଭାରତର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଜନଗଣନାକୁ ପରିଚାଳନା କରିଥାନ୍ତି ଭାରତୀୟ ସେନସସ୍ କମିଶନର୍ ଓ ସେ ଗୃହମନ୍ତ୍ରଣାଳୟର ଅଧୀନ। ଭାରତରେ ଜନଗଣନା କେନ୍ଦ୍ର ଅଧୀନସ୍ଥ ବିଷୟ, ଯାହାକି ସମ୍ବିଧାନର ଧାରା ୨୪୬ ର ଅନ୍ତର୍ଗତ। ଏହାକୁ ସପ୍ତମ ଅନୁଚ୍ଛେଦର କ୍ରମିକ ସଂଖ୍ୟା ୬୯ ରେ ତାଲିକାଭୁକ୍ତ କରାଯାଇଛି। ଗୋଟିଏ ଧ୍ୟାନ ଦେବା ଭଳି ବିଷୟ ହେଉଛି କି ଜନଗଣନାରେ ପ୍ରାପ୍ତ ବ୍ୟକ୍ତିଗତ ତଥ୍ୟ ବା ଡାଟା ସମ୍ପୂର୍ଣ୍ଣ ଭାବେ ଗୋପନୀୟ। ଏପରିକି ନ୍ୟାୟାଳୟ ବା ନ୍ୟାୟିକ ମାମଲା ଓ ସୂଚନା ଅଧିକାର ଆଇନ ବଳରେ ମଧ୍ୟ ଏହାକୁ ହାସଲ କରାଯାଇପାରିବ ନାହିଁ। ସେନସସ୍ ଆକ୍ଟ ୧୯୪୮ ବଳରେ ହିଁ ଜନଗଣନାକୁ ଏହି ଗୋପନୀୟତା ପ୍ରଦାନ କରାଯାଇଛି।

ଦୀର୍ଘ ଅପେକ୍ଷା ପରେ ଶେଷରେ ଭାରତରେ ଜନଗଣନା ଆରମ୍ଭ ହୋଇଛି। ଏହା ହେଉଛି ଷୋହଳତମ ଜନଗଣନା। ଦେଶର ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ ଭିତ୍ତିକ ଓ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଜନଗଣନା। ୧.୪ ବିଲିଅନ୍ ବା ୧୪୦ କୋଟି ଜନତାଙ୍କର ସମ୍ପୂର୍ଣ୍ଣ ତଥ୍ୟ ଏଥିରେ ହାସଲ କରିବା ପାଇଁ ଯୋଜନା କରାଯାଇଛି। ଏହି ଜନଗଣନାରେ ବ୍ୟବହୃତ ହେବାକୁ ଥିବା ମୋବାଇଲ୍ ଆପ୍‌ଟି ଭାରତର ଷୋହଳଟି ଭାଷାକୁ ଯେପରି ସମର୍ଥନ କରିପାରିବ ତାହାକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ଜନଗଣନାର ପ୍ରଥମ ଭାଗଟି ହେଉଛି ଗୃହଗଣନା ଓ ତାଲିକାର ପ୍ରସ୍ତୁତି। ଏହା ଚଳିତ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏଁ ଚାଲିବ। ଏଥିରେ ଦେଶର ଜନତାଙ୍କର ଗୃହର ତାଲିକା କରାଯିବା ସହିତ, ଜଳଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ତଥ୍ୟକୁ ମଧ୍ୟ ଲିପିବଦ୍ଧ କରାଯିବ। ଦ୍ୱିତୀୟ ଭାଗଟି ଫେବୃୟାରୀ ୨୦୨୭ ରେ ଆରମ୍ଭ ହେବାକୁ ଥିବାବେଳେ, ଏହାକୁ ଆମେ ପ୍ରକୃତ ଜନଗଣନା ବୋଲି କହିପାରିବା। ଏଥିରେ ଲୋକମାନଙ୍କର ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ଜାତି, ଶିକ୍ଷା, ଜୀବିକା ଓ ପ୍ରବାସ ବା ସ୍ଥାନାନ୍ତରଣ ଉପରେ ତଥ୍ୟ ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଛି। ଜନକଲ୍ୟାଣକାରୀ ରାଷ୍ଟ୍ର ପକ୍ଷରେ, ଜନଗଣନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ। କୌଟିଲ୍ୟ ନିଜର ମହାନତମ ଗ୍ରନ୍ଥ 'ଅର୍ଥଶାସ୍ତ୍ର' ରେ ଉଲ୍ଲେଖ କରିଛନ୍ତି କି, ଯେଉଁ ରାଷ୍ଟ୍ର ନିଜର ପ୍ରଜାମାନଙ୍କୁ ସୁଶାସନ ଦେବା ପାଇଁ ଇଚ୍ଛୁକ, ତା'ପାଖରେ ନିଜର ପ୍ରଜାଙ୍କର ସବିଶେଷ ବିବରଣୀ ରହିବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ରାଷ୍ଟ୍ର ଜନଗଣନା କରେ ନାହିଁ, ସେ ଅନ୍ଧକାରରେ ଶାସନ କରିଥାଏ। ମହାମାରୀ, କୋଭିଡ୍ ଓ ଅନ୍ୟ କିଛି କାରଣବଶତଃ ଭାରତର ଜନଗଣନା କ୍ଷେତ୍ରରେ ଥିବା ଅନ୍ଧକାର ପରିଶେଷରେ ଦୂର ହୋଇଛି ଓ ଗତ ଏପ୍ରିଲ୍‌ରୁ ବିଧିବଦ୍ଧ ଭାବରେ ଦେଶରେ ଏହି ପ୍ରକ୍ରିୟାଟିର ଅୟମାରମ୍ଭ ହୋଇଛି। ଯେହେତୁ ଭାରତ, ବିଶ୍ୱର ସର୍ବାଧିକ ଜନବହୁଳ ଦେଶ, କହିବା ବାହୁଲ୍ୟ ଯେ ଜନଗଣନା ପ୍ରକ୍ରିୟାଟି ମଧ୍ୟ ସେହିପରି ଏକ ବୃହତ୍ତର ଓ ଜଟିଳ ବ୍ୟାପାର। ଏଥିରେ ମାସ ପରେ ମାସ ତିରିଶ ଲକ୍ଷରୁ ଅଧିକ ଗଣନା କର୍ମଚାରୀ, ପର୍ଯ୍ୟବେକ୍ଷକ ଓ ସେନସସ୍ ଅଧିକାରୀ, ୧୪୦ କୋଟି ଭାରତୀୟଙ୍କୁ ୩୩ ଟି ପ୍ରଶ୍ନ ପଚାରିବେ। ଦେଶର ସାତ ହଜାରରୁ ଅଧିକ ସହର ଓ ଛଅଲକ୍ଷରୁ ଅଧିକ ଗ୍ରାମରେ ଚାଲିବାକୁ ଥିବା ଏହି ଜନଗଣନା ହେଉଛି ପୃଥିବୀର ସବୁଠାରୁ ବୃହତ୍ ପ୍ରଶାସନିକ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ଜନଗଣନାର ଇତିହାସ ଉପରେ ଆଖି ପକାଇବା ମଧ୍ୟ ସମୀଚୀନ ମନେହୁଏ।

ଭାରତର ପ୍ରାଚୀନତମ ଶାସ୍ତ୍ର ଋଗ୍‌ବେଦରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଆଠଶହରୁ ଛଅଶହ ମଧ୍ୟରେ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷରେ ଜନଗଣନାର ପ୍ରଚଳନ ଥିଲା। ମଧ୍ୟଯୁଗରେ ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ, ପ୍ରଶାସନିକ ଦସ୍ତାବିଜ୍ ଭାବରେ ବ୍ୟବହୃତ ହେଉଥିବା ଆବୁଲ ଫଜଲଙ୍କ ପୁସ୍ତକ "ଆଇନ୍-ଇ-ଆକବରୀ" ରେ ମଧ୍ୟ ତତ୍କାଳୀନ ସମୟର ଜନଗଣନା ତଥ୍ୟ ସବୁ ଲିପିବଦ୍ଧ ରହିଛି। ଆଧୁନିକ ସମୟକୁ ଦେଖିଲେ, ୧୮୦୦ ମସିହାରେ ଇଂଲଣ୍ଡ ସର୍ବପ୍ରଥମେ ଏହାର ଜନଗଣନା ଆରମ୍ଭ କରିଥିଲା। ଭାରତ ସନ୍ଦର୍ଭରେ ଦେଖିଲେ, ବ୍ରିଟିଶ୍ ବିଦ୍ୱାନ "ଜେମ୍‌ସ ପ୍ରିନସେପ୍" ଙ୍କ ଦ୍ୱାରା ୧୮୨୪ ମସିହାରେ ଆହ୍ଲାବାଦର ଓ ୧୮୨୭ ରେ ବନାରସର ଏକ ପରୀକ୍ଷାମୂଳକ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ହେନରୀ ଓ୍ୱାଲଟରଙ୍କଦ୍ୱାରା କରାଯାଇଥିବା ଢାକାର ଜନଗଣନା ହେଉଛି, ଏକ ଭାରତୀୟ ସହରର ପ୍ରଥମ ପୂର୍ଣ୍ଣକାଳୀନ ଜନଗଣନା। ତେବେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମେୟୋଙ୍କ ସମୟରେ କରାଯାଇଥିବା ୧୮୭୨ ମସିହାର ଜନଗଣନା ହେଉଛି ଭାରତର ପ୍ରଥମ ବିଖଣ୍ଡିତ ବା ଆଂଶିକ ଜନଗଣନା, ଇଂରାଜୀରେ ଯାହାକୁ କୁହାଯାଏ ନନ୍ ସିଙ୍କ୍ରୋନସ ସେନସସ୍।

ସେହିପରି ଫେବୃୟାରୀ ୧୭, ୧୮୮୧ ମସିହାରେ କରାଯାଇଥିବା ଜନଗଣନା ହେଉଛି ଭାରତର ସମ୍ପୂର୍ଣ୍ଣ ଓ ସମଗ୍ର ଜନଗଣନା । ଏହି ଜନଗଣନା ଡବଲ୍ୟୁ.ସି. ପ୍ଲାଓଡେନ୍‌ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସେ ଥିଲେ ତତ୍କାଳୀନ ବ୍ରିଟିଶ୍ ଭାରତର ସେନସସ୍ କମିଶନର୍ ବା ଜନଗଣନା ଆୟୁକ୍ତ। ଉପରବର୍ଣ୍ଣିତ ଦୁଇ ପ୍ରକାର ଜନଗଣନା ମଧ୍ୟରେ ମୌଳିକ ପାର୍ଥକ୍ୟ ଏହା ଯେ, ମାନବ ସମ୍ବଳ ଓ ସମନ୍ୱୟର ଅଭାବରୁ ଆଂଶିକଟି କରାଯାଇଥିଲାବେଳେ, ସମ୍ପୂର୍ଣ୍ଣଟି କରାଯାଇଥିଲା ସମ୍ବଳ ଓ ସମନ୍ୱୟର ସୁବନ୍ଦୋବସ୍ତ ପରେ।

ସ୍ୱାଧୀନତା ପରେ ପ୍ରଥମ ଜନଗଣନା ୧୯୫୧ ମସିହାରେ ହୋଇଥିଲା ଓ ସେବେଠାରୁ ନିୟମିତ ଭାବରେ ଏହା ହୋଇ ଆସୁଛି। ଏହା ଜନଗଣନା ନିୟମ ବା ସେନସସ୍ ଆକ୍ଟ ୧୯୪୮ ଅନୁଯାୟୀ ହୋଇଥାଏ। ଏହାକୁ ପ୍ରସ୍ତୁତ କରିଥିଲେ ଭାରତରେ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଜନଗଣନାକୁ ପରିଚାଳନା କରିଥାନ୍ତି ଭାରତୀୟ ସେନସସ୍ କମିଶନର୍ ଓ ସେ ଗୃହମନ୍ତ୍ରଣାଳୟର ଅଧୀନ। ଭାରତରେ ଜନଗଣନା କେନ୍ଦ୍ର ଅଧୀନସ୍ଥ ବିଷୟ, ଯାହାକି ସମ୍ବିଧାନର ଧାରା ୨୪୬ ର ଅନ୍ତର୍ଗତ। ଏହାକୁ ସପ୍ତମ ଅନୁଚ୍ଛେଦର କ୍ରମିକ ସଂଖ୍ୟା ୬୯ ରେ ତାଲିକାଭୁକ୍ତ କରାଯାଇଛି। ଗୋଟିଏ ଧ୍ୟାନ ଦେବା ଭଳି ବିଷୟ ହେଉଛି କି ଜନଗଣନାରେ ପ୍ରାପ୍ତ ବ୍ୟକ୍ତିଗତ ତଥ୍ୟ ବା ଡାଟା ସମ୍ପୂର୍ଣ୍ଣ ଭାବେ ଗୋପନୀୟ। ଏପରିକି ନ୍ୟାୟାଳୟ ବା ନ୍ୟାୟିକ ମାମଲା ଓ ସୂଚନା ଅଧିକାର ଆଇନ ବଳରେ ମଧ୍ୟ ଏହାକୁ ହାସଲ କରାଯାଇପାରିବ ନାହିଁ। ସେନସସ୍ ଆକ୍ଟ ୧୯୪୮ ବଳରେ ହିଁ ଜନଗଣନାକୁ ଏହି ଗୋପନୀୟତା ପ୍ରଦାନ କରାଯାଇଛି। ଜନସାଧାରଣ, ସେନସସ୍ କର୍ମଚାରୀଙ୍କୁ ନିଜର ବ୍ୟକ୍ତିଗତ ତଥ୍ୟ ସଠିକ୍ ଭାବରେ ପ୍ରଦାନ କରିବା ପାଇଁ ଉତ୍ସାହିତ କରିବା ସକାଶେ ଏହାକୁ ଗୋପନୀୟ ରଖାଯାଇଥାଏ କିନ୍ତୁ ସାମୂହିକ ତଥ୍ୟ ଯେପରିକି ଶିକ୍ଷିତ ହାର, ଏସବୁ ଗୋପନୀୟ ନୁହେଁ। ୧୮୭୨ ମସିହାର ଜନଗଣନାରେ ମାତ୍ର ସତରଟି ପ୍ରଶ୍ନ ଥିଲା ଏବଂ "କିଏ କେଉଁଠାରେ ରହୁଛି" ଏହାଠାରୁ ଅଧିକ କିଛି ପଚରା ଯାଉନଥିଲା, ମାତ୍ର ପରବର୍ତ୍ତୀ ଜନଗଣନା ଗୁଡ଼ିକରେ ପ୍ରଶ୍ନଗୁଡ଼ିକର ସଂଖ୍ୟା ବଢ଼ିବାକୁ ଲାଗିଲା। ଯେମିତିକି ୧୯୦୧ ଜନଗଣନାରେ ଇଂରାଜୀରେ ଦକ୍ଷତା ବିଷୟରେ ପଚରାଗଲା, ଯାହାକି ଔପନିବେଶିକ ଭାରତର ଏକ ବିଶେଷ ପ୍ରାଥମିକତା ଥିଲା।

ସେହିପରି ୨୦୧୧ ମସିହାରେ ଜନଗଣନାରେ ପ୍ରବାସ ବା ସ୍ଥାନାନ୍ତରଣର ଇତିହାସ ପ୍ରଜନନ ଧାରା, ଜୀବିକା ସମ୍ବନ୍ଧୀୟ ଓ ଶାରୀରିକ ଅକ୍ଷମତା ତଥା ବିକଳାଙ୍ଗତା ବିଷୟରେ ପ୍ରଶ୍ନମାନ ପଚରାଯାଇଥିଲା। ତେଣୁ ଏହା କହିବା ଉଚିତ ହେବ ଯେ ଦେଶ ସମ୍ମୁଖରେ ଉଭା ହେଉଥିବା ପ୍ରସଙ୍ଗ ସମୂହର ପ୍ରତିଫଳନ ହେଉଛି ଜନଗଣନା। ତେବେ ଏହାର ଆବଶ୍ୟକତା କ'ଣ ? ଦେଶରେ ଗତ ଦେଢ଼ ଦଶନ୍ଧି ଧରି ଶାସନ, ପ୍ରଶାସନ ତଥା ନୀତି ନିର୍ଦ୍ଧାରଣ, ୨୦୧୧ ମସିହାରେ ହୋଇଥିବା ଜନଗଣନା ଅନୁସାରେ ଚାଲିଛି। ଏହି ସମୟ ଅବଧି ମଧ୍ୟରେ କୋଟି କୋଟି ଲୋକ ନିଜର ଭିଟାମାଟିରୁ ଅନ୍ୟସ୍ଥାନକୁ ପଳାୟନ କରିଛନ୍ତି, ଜୀବିକା ବଦଳାଇଛନ୍ତି ଓ ଗାଁ ଛାଡ଼ି ସହରୀ ବାସିନ୍ଦାରେ ପରିଣତ ହୋଇଛନ୍ତି। ତେଣୁ ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣରେ ଉପରୋକ୍ତ ପ୍ରବାସୀ ଜନତାଙ୍କର ସବିଶେଷ ତଥ୍ୟର ଆବଶ୍ୟକତା ରହିଛି।

ଦ୍ୱିତୀୟରେ ନିର୍ବାଚନ କ୍ଷେତ୍ରର ପୁନର୍ଗଠନ। ଆଜି ପର୍ଯ୍ୟନ୍ତ ଭାରତର ବିଧାନସଭା ଓ ସଂସଦୀୟ ନିର୍ବାଚନ ମଣ୍ଡଳୀ, ପୁରାତନ ଜନଗଣନା ଉପରେ ଆଧାରିତ। ବର୍ତ୍ତମାନ ସମୟର ଭାରତର ଆଶା, ଅକାଂକ୍ଷା ଓ ଭବିଷ୍ୟତକୁ ଏହା ପୂରଣ କରିପାରୁନାହିଁ। ତେଣୁ ନୂତନ ଜନଗଣନାରୁ ପ୍ରାପ୍ତ ତଥ୍ୟ ଅନୁସାରେ ସରକାର ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ।

ତୃତୀୟରେ ଭିତ୍ତିଭୂମି ପ୍ରକଳ୍ପ। ଜନଗଣନାରୁ ମିଳୁଥିବା ତଥ୍ୟକୁ ଆଧାର କରି ଏହା ଜାଣିହୁଏ ଯେ, କେଉଁଠାରେ ଲୋକସଂଖ୍ୟା ବଢ଼ିଛି ଓ କେଉଁଠାରେ କମିଛି। ସରକାର ଏହାକୁ ଆଧାର କରି ସ୍କୁଲ, କଲେଜ, ରାସ୍ତା ଓ ହସ୍ପିଟାଲ ଆଦି ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି। ଚତୁର୍ଥରେ ପୁଞ୍ଜି ବଣ୍ଟନ। ଜନଗଣନାକୁ ଆଧାର କରି କେନ୍ଦ୍ରୀୟ ଅର୍ଥ ଆୟୋଗ, ଲୋକସଂଖ୍ୟା ଭିତ୍ତିରେ ବିଭିନ୍ନ ରାଜ୍ୟକୁ ଆବଣ୍ଟିତ ହେବାକୁ ଥିବା ଅର୍ଥର ପରିମାଣ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି।

ତେବେ ଚଳିତ ଥରର ଜନଗଣନାଟି ହେଉଛି ଜାତିଭିତ୍ତିକ। ୧୯୩୧ ମସିହାରେ ଶେଷ ଥର ପାଇଁ ଜେ.ଏଚ୍. ହଟନଙ୍କ ନେତୃତ୍ୱରେ ଦେଶରେ ଜାତିଭିତ୍ତିକ ଗଣନା ହୋଇଥିଲା। ଏହି ଜନଗଣନାରେ ୨୭୧ ମିଲିଅନ୍ ଲୋକ ଅନ୍ତର୍ଭୁକ୍ତ ହୋଇଥିଲେ। ଏହା ପାଖାପାଖି ୪୦୦୦ ଜାତିଙ୍କୁ ଚିହ୍ନଟ କରିବା ସହିତ, ଓ.ବି.ସି. ମାନଙ୍କ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲା। ୧୯୯୦ ମସିହାର ମଣ୍ଡଳ କମିଶନ, ଏହି ଜନଗଣନାର ତଥ୍ୟକୁ ଆଧାର କରି ହିଁ ପ୍ରସ୍ତୁତ କରାଯାଇଥିଲା। ସରକାର ଚଳିତ ଥରର ଜନଗଣନା ପାଇଁ ୧୧୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାକୁ ସଫଳ କରାଇବା ଆମ ସମସ୍ତଙ୍କର ଦାୟିତ୍ୱ।

ଭୁବନେଶ୍ୱର

ମୋ- ୮୧୪୪୦୪୨୯୯୭

# ବଢୁଥିବା ଗରମ ଓ ଜଳବାୟୁ ସଂକଟ

**ଉମାଶଙ୍କର ପ୍ରସାଦ**

> କୃଷି ବିଭାଗ କହିବା ଅନୁଯାୟୀ ଉତ୍ତରପ୍ରଦେଶର ୬୬ଟି ଜିଲ୍ଲା ଗ୍ରୀଷ୍ମ ପ୍ରବାହର କବଳରେ ଅଛି। ରାଜସ୍ଥାନ, ଉତରପ୍ରଦେଶ, ବିହାର, ହରିୟାଣା, ମଧ୍ୟପ୍ରଦେଶ, ପଂଜାବ ଏବଂ ଦିଲ୍ଲୀ ଏହି ସମୟରେ ଭୟଙ୍କର ଗରମର ସାମ୍ନା କରୁଛନ୍ତି। ପାଣିପାଗ ବିଭାଗର ସମସ୍ତ ପୂର୍ବାନୁମାନ ଅସଫଳ ପ୍ରମାଣିତ ହୋଇଛି। ଯଦି ପ୍ରକୃତ ସତ୍ୟକୁ ବିଚାର କରାଯାଏ ତେବେ ମଣିଷ ଯେଉଁଭଳି ଭାବରେ ପ୍ରକୃତିକୁ ବିନାଶ କରିବାରେ ଲାଗିଛି, ତାହା ପୃଥିବୀ ପାଇଁ ଶୁଭ ସଙ୍କେତ ନୁହେଁ। କାନଡା ଭଳି ଥଣ୍ଡା ଦେଶରେ ମଧ୍ୟ ପାରଦ ଉପରକୁ ଚାଲିଯାଇଛି। ପୋଖରୀ-ହ୍ରଦ ଏପରିକି ସମୁଦ୍ର ପର୍ଯ୍ୟନ୍ତ ପାଣି ଗରମ ହେବାରେ ଲାଗିଛି। ଭୂତଳ ଜଳସ୍ତର ଏତେ ତଳକୁ ଚାଲିଗଲାଣି ଯେ ଜଳ ସଂକଟ ଘନେଇବାର ଆଶଙ୍କା ଦେଖା ଦେଇଛି। ଏପରି ଅବସ୍ଥା ପ୍ରାୟ ସାରା ଭାରତରେ ରହିଛି।

ସୂର୍ଯ୍ୟ ପୁଣି ନିଆଁ ବର୍ଷାଇବା ଆରମ୍ଭ କଲେଣି। ଦିନରେ 'ଗରମ ପବନ' ବହୁଛି ଏବଂ ରାତିରେ ମଧ୍ୟ ସେହି ଗରମ ପ୍ରବାହରେ ଲୋକେ ବ୍ୟାକୁଳ ହେଉଛନ୍ତି। ଭାରତୀୟ ପାଣିପାଗ ବିଭାଗ ଏବଂ ଅନ୍ୟ ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଚଳିତ ବର୍ଷ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବ।

ଗରମ ଏଥର କାଳ ସାଜିଛି। ଏହା ଗତ କିଛିବର୍ଷ ତୁଳନାରେ ନିଶ୍ଚିତ ଅଧିକ ଅଟେ। କିଛି ରାଜ୍ୟରେ ଝଡବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଥିଲା, କିନ୍ତୁ ଏବେ ସୂର୍ଯ୍ୟଙ୍କର ତାପମାତ୍ରା ଦିନକୁ ଦିନ ବଢିବା ସହ ସୂର୍ଯ୍ୟ ନିଆଁ ବର୍ଷାଇବା ଆରମ୍ଭ କରିଦେଲେଣି। ଦିନରେ ଗରମ ପବନ ପ୍ରବାହିତ ସାଙ୍ଗକୁ ରାତିରେ ମଧ୍ୟ ଗରମରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ପାରଦ ୪୬° ପାର କରିସାରିଲାଣି। ଭାରତୀୟ ପାଣିପାଗ ବିଭାଗ ଜୁନ ମାସ ପାଇଁ ଯେଉଁ ପୂର୍ବାନୁମାନ ଜାରି କରିଛି ସେହି ଆକଳନ ଅନୁଯାୟୀ ପୂର୍ବ, ମଧ୍ୟ, ଉତ୍ତର-ପଶ୍ଚିମ ଭାରତ ଏବଂ ଦକ୍ଷିଣ-ପୂର୍ବ ଦ୍ୱୀପକଳ୍ପରେ ଏଥର ଅଧିକ ଗରମ ପଡ଼ିବ। ଚଳିତ ବର୍ଷ ଗରମ ବିଗତ ୨୦୦୧ର ରେକର୍ଡ ଭାଙ୍ଗିପାରେ ବୋଲି ମନେହେଉଛି। ପାହାଡ଼ିଆ ଅଞ୍ଚଳରେ ବର୍ଷା ହେବ ଏବଂ



ସମତଳ ଅଞ୍ଚଳରେ 'ଲୁ' ବୋହିବ। ରାତିରେ ମଧ୍ୟ 'ଲୁ' ପ୍ରବାହ ଜାରି ରହିବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ଏଭଳି ପରିସ୍ଥିତିରେ ବିନା କୌଣସି ଜରୁରୀ କାର୍ଯ୍ୟରେ ଘରୁ ବାହାରିବା ବିପଦରୁ ମୁକ୍ତ ନୁହେଁ। ଏହାକୁ ଆଖିରେ ରଖି ଦିଲ୍ଲୀରେ ଯଦିଓ କିଛି ପଦକ୍ଷେପ ନିଆଯାଇଛି ମାତ୍ର ତାହା ଯଥେଷ୍ଟ ନୁହେଁ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ୨୦୨୬ ରେ ଗ୍ରୀଷ୍ମ ପ୍ରକୋପ ତାର ସୀମା ଅତିକ୍ରମ କରିବ। 'ଅଲ ନିନୋ' ଏବଂ 'ସୁପର ଅଲ୍ ନିନୋ' କାରଣରୁ ଜୁଲାଇ ୩୧ ପର୍ଯ୍ୟନ୍ତ ସାରା ବିଶ୍ୱରେ ଗରମ ବଢିବା ସାଙ୍ଗକୁ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହେବ। ମୌସୁମୀରେ କମ୍ ବର୍ଷା ହେବାର ପୂର୍ବାନୁମାନ ରହିଛି। ଚାଷୀକୁଳ ଶୁଖିଲା କିମ୍ବା ଜଳାଭାବ ସମସ୍ୟାର ସମ୍ମୁଖୀନ ହେବେ। ଏହାଦ୍ୱାରା ଫସଲ ଉତ୍ପାଦନ ଉପରେ ଗମ୍ଭୀର ପ୍ରଭାବ ପଡିବ। ପ୍ରଶାନ୍ତ ମହାସାଗରର ଜଳରାଶିର ତାପମାତ୍ରା ୨ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧି ପାଇବା ପରିସ୍ଥିତିକୁ 'ସୁପର ଅଲ ନିନୋ' କୁହାଯାଏ। ଏହା ସାରା ପୃଥିବୀରେ ତାର ପ୍ରଭାବ ବିସ୍ତାର କରିବା ଯୋଗୁଁ ବ୍ୟାକୁଳତା ସୃଷ୍ଟି କରିବ। ଅନ୍ୟପକ୍ଷେ ଆମେରିକା, ଇରାନ, ରୁଷ, ୟୁକ୍ରେନ ଏବଂ ଇସ୍ରାଏଲ-ଲେବାନନ ଯୁଦ୍ଧରେ ଏତେ ପରିମାଣର ବାରୁଦ ବ୍ୟବହାର କରାଯାଇଛି ଯେ ଧରିତ୍ରୀ ଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ କମ୍ପି ଉଠୁଛି। ଭାରତରେ ବର୍ତ୍ତମାନ ସେହି ପ୍ରବାହିତ ହେଉଥିବା ଗରମ ପବନ ଲୋକଙ୍କୁ ବେହାଲ କଲାଣି। ବିଭିନ୍ନ ରାଜ୍ୟର ଅନେକ ଜିଲ୍ଲାରେ ଲୁ ପ୍ରବାହ ଜାରି ରହିଛି। ରାଜସ୍ଥାନଠାରୁ ଆରମ୍ଭ କରି ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ମେ ମାସର ମଧ୍ୟଭାଗରେ ହିଁ ପାରଦ ୪୫°ଡିଗ୍ରୀରୁ ୪୬°ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଗଲାଣି। କୋଇଲା ଅଭାବ ଯୋଗୁଁ ବିଦ୍ୟୁତ ଉତ୍ପାଦନ କମ୍ ହେଉଛି। ଏଭଳି ପରିସ୍ଥିତିରେ ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ଅଧିକ ବିଦ୍ୟୁତ କାଟ ଦେଖିବାକୁ ମିଳିବ। ଅତ୍ୟଧିକ କାର୍ବନ ନିର୍ଗମନ ଏବଂ ଜଙ୍ଗଲ ନଷ୍ଟ ଯୋଗୁଁ ଗରମ ବେଳକୁ ବେଳ ଆହୁରି ଭୟଙ୍କର ରୂପ ନେବ। ବୈଜ୍ଞାନିକମାନଙ୍କ ଚେତାବନୀ ଅନୁଯାୟୀ ପୃଥିବୀର ଜଳବାୟୁ ଖରାପ ହୋଇଯାଇଛି। ଭୂତଳ ଜଳ ଶୁଖିବାରେ ଲାଗିଛି। ଏହା ଏତେ ଅପରିଷ୍କାର ହୋଇଗଲାଣି ଯେ ପିଇବା ଉପଯୋଗୀ ହୋଇ ରହିନାହିଁ। ଗାଁ ଓ ସହର ଗୁଡ଼ିକର ପାଣି ବିଷାକ୍ତ ହୋଇଯାଉଛି। ଗଙ୍ଗା ଏବଂ ଯମୁନା ସହିତ ସମସ୍ତ ନଦୀ ବିପଜ୍ଜନକ ଭାବେ ଦୂଷିତ ହୋଇସାରିଲାଣି। କେହି ଏହି ନଦୀଗୁଡ଼ିକର ପାଣିକୁ ପିଇବା କାମରେ ବ୍ୟବହାର କରୁନାହାନ୍ତି।

କୃଷି ବିଭାଗ କହିବା ଅନୁଯାୟୀ ଉତ୍ତରପ୍ରଦେଶର ୬୬ଟି ଜିଲ୍ଲା ଗ୍ରୀଷ୍ମ ପ୍ରବାହର କବଳରେ ଅଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ହରିୟାଣା, ମଧ୍ୟପ୍ରଦେଶ, ପଂଜାବ ଏବଂ ଦିଲ୍ଲୀ ଏହି ସମୟରେ ଭୟଙ୍କର ଗରମର ସାମ୍ନା କରୁଛନ୍ତି। ପାଣିପାଗ ବିଭାଗର ସମସ୍ତ ପୂର୍ବାନୁମାନ ଅସଫଳ ପ୍ରମାଣିତ ହୋଇଛି। ଯଦି ପ୍ରକୃତ ସତ୍ୟକୁ ବିଚାର କରାଯାଏ ତେବେ ମଣିଷ ଯେଉଁଭଳି ଭାବରେ ପ୍ରକୃତିକୁ ବିନାଶ କରିବାରେ ଲାଗିଛି, ତାହା ପୃଥିବୀ ପାଇଁ ଶୁଭ ସଙ୍କେତ ନୁହେଁ। କାନଡା ଭଳି ଥଣ୍ଡା ଦେଶରେ ମଧ୍ୟ ପାରଦ ଉପରକୁ ଚାଲିଯାଇଛି। ପୋଖରୀ-ହ୍ରଦ ଏପରିକି ସମୁଦ୍ର ପର୍ଯ୍ୟନ୍ତ ପାଣି ଗରମ ହେବାରେ ଲାଗିଛି। ଭୂତଳ ଜଳସ୍ତର ଏତେ ତଳକୁ ଚାଲିଗଲାଣି ଯେ ଜଳ ସଂକଟ ଘନେଇବାର ଆଶଙ୍କା ଦେଖା ଦେଇଛି। ଏପରି ଅବସ୍ଥା ପ୍ରାୟ ସାରା ଭାରତରେ ରହିଛି।

ପୂର୍ବରୁ ଗାଁ ଗାଁ ରେ ପୋଖରୀ ଏବଂ ହ୍ରଦ ରହୁଥିଲା । ଏହାଦ୍ୱାରା ଭୂତଳ ଜଳର ସନ୍ତୁଳନ ବଜାୟ ରହୁଥିଲା। ବର୍ଷା ପାଣି ଗାଁର ପୋଖରୀଗୁଡ଼ିକରେ ଜମା ହେଉଥିଲା। ତେଣୁ ମାଟି ତଳେ ପାଣିର ଅଭାବ ହେଉନଥିଲା। ସରକାରଙ୍କ ଭୁଲ ନୀତି ଯୋଗୁଁ ଘରେ ଘରେ ପମ୍ପ ଲାଗିବା କାରଣରୁ ଭୂତଳ ଜଳ ଶେଷ ହେବା ସ୍ଥିତିରେ ପହଞ୍ଚିଛି। ବୈଜ୍ଞାନିକମାନେ ଅଧାରୁ ଅଧିକ ଭାରତକୁ ଭୂତଳ ଜଳବିହୀନ କ୍ଷେତ୍ର ଘୋଷଣା କରିସାରିଲେଣି, ତଥାପି ଏପରି ଉତ୍କଟ ସମସ୍ୟାକୁ କେହି ହେଲେ ଗମ୍ଭୀରତାର ସହ ନେଉନାହାନ୍ତି। ପୂର୍ବରୁ ଲୋକେ ଗାଁରେ ପୋଖରୀ ଏବଂ କୂଅ ଖୋଳାଉଥିଲେ । କୂଅ ଏବଂ ଗାଡିଆ ତିଆରି କରୁଥିଲେ। କିନ୍ତୁ ଆଜି ଲୋକେ ପୋଖରୀ ଏବଂ ହ୍ରଦଗୁଡିକୁ ପୋତି ସେଥିରେ ନିଜର ଆଲିସାନ ଘର ତିଆରି କରୁଛନ୍ତି। ନଦୀ ଗୁଡିକ ସଂକୀର୍ଣ୍ଣ କରିଦେଲେଣି।

ଅନ୍ୟପଟେ ଆକାଶରୁ ନିଆଁ ବର୍ଷୁଛି। ଯଦି ଏଭଳି ଗରମ କ୍ରମାଗତ ଭାବେ ଜାରି ରହେ, ତେବେ ଜୀବନ ଜୀଇବା ଅତ୍ୟନ୍ତ ମୁସ୍କିଲ ହୋଇଯିବ। ପାଣିପାଗ ଅନିୟନ୍ତ୍ରିତ ହୋଇଯିବ। ଆଜିର ଏହି ସଙ୍କଟ ହଠାତ୍ ଆସିନାହିଁ। ଆମେ ଏତେ ବିକାଶଶୀଳ ହୋଇଯାଇଛୁ ଯେ ନିଜର ଭଲ-ମନ୍ଦର ବିଚାର କରିବା ଭୁଲିଯାଇଛୁ ଏବଂ ଆମ ପରିବେଶକୁ ଅକଳ୍ପନୀୟ କ୍ଷତି ପହଞ୍ଚାଇଛୁ। କାର୍ବନ ଗ୍ୟାସର ଏତେ ପରିମାଣରେ ନିର୍ଗମନ କରାଯାଇଛି ଯେ ଏହାର ପ୍ରଭାବ ଜଳବାୟୁ ଉପରେ ପଡୁଛି। ଭୀଷଣ ଗରମ ଏବଂ ମରୁଡ଼ିର ବିପଦକୁ ଦେଖି କୌଣସି ପଦକ୍ଷେପ ନିଆଯାଉନାହିଁ। ଉଲ୍ଲେଖଯୋଗ୍ୟ ଯେ ଗଲ୍ଫ ଯୁଦ୍ଧ କାରଣରୁ ବିଗତ ଦିନରେ ଡିଜେଲ ଏବଂ ପେଟ୍ରୋଲର ଦାମ ବଢ଼ିବାରେ ଲାଗିଛି। ରୋଷେଇ ଗ୍ୟାସଠାରୁ ଆରମ୍ଭ କରି ସି.ଏନ.ଜି ପର୍ଯ୍ୟନ୍ତ ସବୁର ଦର ଆକାଶଛୁଆଁ ହୋଇଯାଇଛି। ବିଜୁଳି ଦର ମଧ୍ୟ ପୂର୍ବ ଅପେକ୍ଷା ମହଙ୍ଗା ହୋଇଛି। ବଙ୍ଗୋପସାଗରରୁ ଆସୁଥିବା ମୌସୁମୀ ବାୟୁର କୌଣସି ଠିକଣା ନାହିଁ। ଏଭଳି କୁହାଯାଇଛି ଯେ 'ନିନୋ ଏବଂ /ସୁପର ଅଲ୍ ନିନୋ' ପ୍ରଭାବରେ ଭାରତରେ ୩୦ ଅଗଷ୍ଟ ପର୍ଯ୍ୟନ୍ତ କମ୍ ବର୍ଷା ହେବ। ମରୁଡ଼ି ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ସମୟ ଥାଉ ଥାଉ ସରକାରଙ୍କୁ ସମ୍ଭାବ୍ୟ ଶୁଖିଲା ଏବଂ ମରୁଡ଼ିକୁ ନେଇ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଭାରତୀୟ କୃଷି ଶତାବ୍ଦୀ ଶତାବ୍ଦୀ ଧରି ମୌସୁମୀ ଉପରେ ହିଁ ନିର୍ଭରଶୀଳ। ଜଳବାୟୁ ସଂକଟ ସହଜରେ ଦୂର ହେବା ଭଳି ମନେ ହେଉନାହିଁ। ଏଥିପାଇଁ ସମସ୍ତଙ୍କୁ ମିଶି ପ୍ରୟାସ କରିବାକୁ ହେବ।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା

ମୋ: ୬୩୭୦୬ ୭୫୫୬୨

## ବିଜେଡିରେ ମିଶିଲେ ସାଉଡ଼ିଆ ପଞ୍ଚାୟତର ବହୁ ଭାଜପା କର୍ମୀ

ବାଲିଚନ୍ଦ୍ରପୁର,(ନିପ୍ର): ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନ ଅଧିକ ମଜବୁତ ହେବାରେ ଲାଗିଛି । ସୋମବାର ସନ୍ଧ୍ୟାରେ ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାଉଡ଼ିଆ ପଞ୍ଚାୟତର ଅନେକ ସକ୍ରିୟ ଭାଜପା କର୍ମୀ ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ପ୍ରତି ଆକୃଷ୍ଟ ହୋଇ ସେମାନେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି । କ୍ୟାପଟେନ ମହାପାତ୍ର ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ ।

ବିଜେଡିରେ ସାମିଲ ହୋଇଥିବା ପ୍ରମୁଖ ନେତା ଓ କର୍ମୀ : ସାଉଡ଼ିଆ ପଞ୍ଚାୟତ ବାଲିକୁଦା ଗ୍ରାମର ପ୍ରମୁଖ ଚେହେରାମାନେ ବିଜେଡିରେ ଯୋଗ ଦେଇଛନ୍ତି: କୈଳାଶ ଓଝା (ପୂର୍ବତନ ୱାର୍ଡ ମେମ୍ବର),ଭାଗ୍ୟଧର ଓଝା, ବସନ୍ତ ପଣ୍ଡା, ପ୍ରଶାନ୍ତ ଓଝା, ସୁଧାର ଓଝା ,ଅଞ୍ଜନ ବାରିକ, ଅନିଲ ବାରିକ, ଅମର ବାରିକ, ଅମିତ ବାରିକ, ଦୟାନିଧି ସେନାପତି, ସୌମ୍ୟ ରଞ୍ଜନ ସାହୁ, ସ୍ୱାଧୀନ ମହାପାତ୍ର । ଏହି ମିଶ୍ରଣ ପର୍ବରେ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ଅନେକ ବରିଷ୍ଠ ଏବଂ ସ୍ଥାନୀୟ ନେତା ଏବଂ ମୁଖ୍ୟ ଅତିଥି ଈକ୍ୟାପଟେନ ରାଜନାରାୟଣ ମହାପାତ୍ର ,ବୁଥ ସଭାପତି ତାପସ ଚନ୍ଦ୍ର ରାୟ ,ପ୍ରମୁଖ ସହଯୋଗୀ ଜ୍ଞାନରଞ୍ଜନ ସାହୁ, ଦିଲୀପ ସାମଲ, ଆଶିଷ ରଞ୍ଜନ ଚୌଧୁରୀ, ସଞ୍ଜୟ ସାଇଁ, ଧ୍ରୁବେଶ୍ୱର ଦାସ, ପ୍ରକାଶ ପ୍ରଧାନ, ପ୍ରଦୀପ୍ତ ମହାନ୍ତି । ଅନ୍ୟାନ୍ୟ ସଦସ୍ୟ ବରଦା ପ୍ରସାଦ ରାୟ, କୁମାର ପ୍ରଧାନ, ଶିଶିର ମହାପାତ୍ର, ମୁଶାତ ନାୟକ, ଅଭିମନ୍ୟୁ ଜେନା, ଦେବାପ୍ରସାଦ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ଉପସ୍ଥିତ ଥିଲେ । ନୂତନ କର୍ମୀଙ୍କ ଯୋଗଦାନ ଫଳରେ ସ୍ଥାନୀୟ ଅଞ୍ଚଳରେ ବିଜେଡିର ସ୍ଥିତି ଆହୁରି ସୁଦୃଢ଼ ହେବ ଏବଂ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମ ଅଧିକ ବେଗବାନ ହେବ ବୋଲି ନେତୃବୃନ୍ଦ ଆଶା ପ୍ରକଟ କରିଛନ୍ତି ।

## ବୁଥସ୍ତରୀୟ ଅଧିକାରୀମାନଙ୍କ ପ୍ରଶିକ୍ଷଣ

ରାଉରକେଲା,(ନିପ୍ର): ଚଳିତ ମଇ ୩୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସ୍ଆଇଆର୍ ସଘଚାରୁରୂପରେ ସଂପାଦନ ପରିପ୍ରେକ୍ଷୀରେ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ସୁପରଭାଇଜରମାନଙ୍କର ଦୁଇ ଦିବସୀୟ ପ୍ରଶିକ୍ଷଣ ଶିବିର, ଉଦିତନଗର ସ୍ଥିତ ପାନପୋଷ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି । ମଇ ୨୫ ଓ ୨୬ ତାରିଖରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ରାଉରକେଲା ଓ ବିରମିତ୍ରପୁର ବିଧାନସଭା କ୍ଷେତ୍ରର ବୁଥସ୍ତରୀୟ ଅଧିକାରୀମାନଙ୍କ ସହିତ ବିଏଲଓ ସୁପରଭାଇଜର ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣରେ ଭୋଟର ସମ୍ବନ୍ଧୀୟ ଫର୍ମ କିପରି ପୂରଣ କରାଯିବ । ଏହାକୁ ୱେବସାଇଟରେ କିପରି



ଅପଲୋଡ୍ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ପ୍ରାୟୋଗିକ ତାଲିମ ପ୍ରଦାନ କରାଯାଇଥିଲା । ୨୦୨୬ ମଇ ୩୦ରୁ ଜୁନ୍ ୨୮ ତାରିଖ ମଧ୍ୟରେ ବୁଥସ୍ତରୀୟ ଅଧିକାରୀ ବା ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ଫର୍ମ ବଣ୍ଟନ କରିବେ ଏବଂ ଭୋଟର ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବେ ।କାର୍ଯ୍ୟକ୍ରମରେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଡେପୁଟି କଲେକ୍ଟର ସାଧବି ଦେହୁରୀ, ଆରଏମସି ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ମହେନ୍ଦ୍ର ମେଳା ପାଇଁ ସଜେଇ ହୋଇଛି ପୌରାଣିକ ପୀଠ ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାର ପ୍ରସିଦ୍ଧ ପୀଠ ମହେନ୍ଦ୍ରଗିରିଠାରେ ଆୟୋଜିତ ହେବାକୁ ଥିବା ଆଗାମୀ 'ମହେନ୍ଦ୍ର ମେଳା' ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହେନ୍ଦ୍ରଗିରି ଗସ୍ତ କରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକରେ ଯୋଗ ଦେବା ସହ ସମଗ୍ର ସ୍ଥିତିର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ସହ ମେଳା ସ୍ଥଳ ବୁଲି ଦେଖିବା ସହ ଚୂଡ଼ାନ୍ତ ପ୍ରସ୍ତୁତିର ତଦାରଖ କରିଥିଲେ । ମେଳାକୁ ଆସିବାକୁ ଥିବା ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଶୃଙ୍ଖଳିତ ଦର୍ଶନ, ଗମନାଗମନ ଏବଂ ସୁରକ୍ଷା ବ୍ୟବସ୍ଥା ଯେପରି ତ୍ରୁଟିଶୂନ୍ୟ ହେବ । ସେ ନେଇ ସେ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ କରିବା ପାଇଁ ସ୍ୱତନ୍ତ୍ର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି ।ଏହି ସମୀକ୍ଷା ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଆଲୋଚନା କରି ମନ୍ତ୍ରୀ କହିଛନ୍ତି 'ଏହି ଭବ୍ୟ ମହେନ୍ଦ୍ର ମେଳାକୁ ସଫଳ ଏବଂ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଆମେ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ଅଛୁ ।

## ଅନ୍ଧାରି ଗାଁ ବନ୍ଧାଭୂଇଁ ଗୌଡ଼ସାହି, ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ

ବଣାଇ,(ନିପ୍ର): ଭାରତ ସ୍ୱାଧୀନ ହେବାର ୭୯ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକର ଭାଲୁ ପାଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନ୍ଧା ଭୂଇଁ ଗ୍ରାମର ଗୌଡ ସାହିରେ ଆଜି ପର୍ଯ୍ୟନ୍ତ ସରକାରଙ୍କ ମୌଳିକ ସୁବିଧା ପହଞ୍ଚି ପାରିନାହିଁ । ଏହି ଗ୍ରାମକୁ ନିତିଦିନିଆ ଗମନାଗମନ ପାଇଁ ରାସ୍ତା ନ ଥିବା ବେଳେ, ଭଲ ପାନୀୟ ଜଳ, ବିଦ୍ୟୁତ୍ ସେବାରୁ ଗ୍ରାମବାସୀ ବଞ୍ଚିତ ଅଛନ୍ତି । ଏଆଇ ଯୁଗରେ ଗାଁରେ ଲାଇନ ନ ଥିବା ଘଟଣା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି, ସାହିରେ ବସବାସ କରୁଥିବା ଲୋକେ ସମସ୍ତେ ପ୍ରାୟ ଚାଷ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ଦେହ ଖରାପ ହେଲେ ମେଡ଼ିକାଲ ଯିବା ପାଇଁ ମାଟି ରାସ୍ତା ହିଁ ଏକ ମାତ୍ର ଭରସା । ବିକଶିତ ଭାରତର ନାରା ଭିତରେ ଏହି ସାହିର ବିକାଶ ହଜି ଯାଇଛି । ଅନ୍ୟପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ପ୍ରଚାର ସର୍ବସ୍ୱ ଭଳି ମନେ ହେଉଛି । କେନ୍ଦ୍ର ସରକାର ପ୍ରଯୁକ୍ତି ବିଦ୍ୟାରେ ୫-ଜି ,ଏଆଇ ଭଳି ନୂତନ ଜ୍ଞାନକୌଶଳ ଅବଲମ୍ବନ କରିସାରିଲେଣି ହେଲେ ସୁନ୍ଦରଗଡ ଜିଲ୍ଲାରେ ଏଭଳି କିଛି ଗାଁ ଅଛି ଯେଉଁଠାରେ ଲୋକେ ବିଦ୍ୟୁତ ଆଲୋକ ଦେଖି ନାହାନ୍ତି । ତଥାପି ଆମ ଦେଶ ବିକାଶ କରୁଛି ବୋଲି ନାରା ଚାଲିଛି । ଆଦିବାସୀ ଅଧୁଷିତ ଗାଁ କିଏ ବା ପଚାରେ, ଗାଁରେ ଗୋଟିଏ ନଳ କୂଅ, ଏହି ନଳ କୂଅ ଉପରେ ନିର୍ଭର କରନ୍ତି ଗାଁ ର ପ୍ରାୟ ୧୫୦ ନିରିହ ମଣିଷ, ଆଉ ପାଣି କଥା ଅତି ଅବସ୍ଥା



ଦେଖନ୍ତୁ, ସରକାରଙ୍କ ହଜାରେ ଯୋଜନା , କିନ୍ତୁ ସାହିରେ ଥିବା ଏକ ମାତ୍ର ନଳ କୂଅରୁ ବାହାରୁଛି ହଳଦିଆ ପାଣି, ଏହି ପାଣିକୁ ପିଇବା ଠାରୁ ରୋଷେଇ, ଗାଧୋଇବା, ପଶୁ ପକ୍ଷୀ ସବୁ ଏହି ପାଣି କୁ ପିଉଛନ୍ତି । ସାହିବାସିନ୍ଦା କହିବା ଅନୁସାରେ କହି କହି ଥକି ଗଲୁ କେହି ଶୁଣୁନାହାନ୍ତି । ଏପଟେ ଗାଁ ରେ ବିଦ୍ୟୁତ୍ କଣ ଦେଖିନାହାନ୍ତି, ଯେଉଁଠି ଲୋକ ଏସି ନ ହେଲେ ରହି ପାରୁନଥିବା ବେଳେ ଏଠି ଛାତ୍ରଛାତ୍ରୀମାନେ ପାଠ ପଢୁଛନ୍ତି ଡିବିରି ଆଲୁଅରେ, ବେଡ଼ ରୁମ ହେଉଛି ଗଛ ମୂଳ,ସମସ୍ତଙ୍କୁ କହିଲୁ କେହି ଶୁଣିଲେନି ଏମିତି ଜୀବନ କଟୁଛି ଜୀବନ ବୋଲି ଗ୍ରାମବାସୀ କହିଥିବାବେଳେ ବଣାଇ ଉପଜିଲ୍ଲାପାଳ ଅଶୋକ କୁମାର ଦାସ କହିଛନ୍ତି ପାଣି ଆଉ ବିଦ୍ୟୁତ୍ ଘଟଣାକୁ ନେଇ ମୁଁ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହେବି, କିପରି ହେବ ତାର ବନ୍ଦୋବସ୍ତ କରିବି, ତଥାପି ଏଠି ପ୍ରଶ୍ନ ଉଠୁଛି ୨୫ବର୍ଷର ସରକାର କଣ ଦେଖିପାରି ନଥିଲା । ସ୍ଥାନୀୟ ନେତା ମାନେ କଣ ଜାଣି ନଥିଲେ । ଭୋଟ ବେଳେ ହଜାରେ ପ୍ରତିଶ୍ରୁତି, ଭୋଟ ସରିଲେ ତୁ କିଏ ନା ମୁ କିଏ । ଯାହା ଫଳରେ ଆଜି ଅନ୍ଧାର ଇଲାକାର ଗାଁ ପାଲଟିଛି ଏହି ସାହିର । ଏବେ ଅପେକ୍ଷାରେ ଗାଁ ଲୋକ କେବେ ଆସିବ ଗାଁକୁ ବିଦ୍ୟୁତ୍, ଭଲ ପାଣି ସାହିକୁ ରାସ୍ତା ଟିଏ ।

## ନଳକୂପ ମରାମତି କରି ଜଳାଭାବ ଦୂର କର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଉପାଧ୍ୟକ୍ଷା ରଶ୍ମିତା ନାଏକ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଲ କର,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ,ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦ୍ୱିରାଜ କିଷାନଙ୍କ ସମେତ ୧୭ ଗୋଟି ପଞ୍ଚାୟତର ସମିତି ମେମ୍ବର ଏବଂ ସରପଞ୍ଚ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଡ଼ିଓ ଜୟନ୍ତ ସାହୁଙ୍କ ସ୍ୱାଗତ ଅଭିଭାଷଣ ପରେ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା । ପାନୀୟଜଳ ଓ ପରିମଳ ବିଭାଗ ଆଲୋଚନା ସମୟରେ ବିଭିନ୍ନ ପଞ୍ଚାୟତର ପାନୀୟଜଳ ସମସ୍ୟାକୁ ନେଇ ଉପସ୍ଥିତ ସମିତି ମେମ୍ବର ଓ ସରପଞ୍ଚ ମାନେ ବିଭାଗୀୟ ଅଧିକାରୀଙ୍କଠାରୁ ଉତ୍ତର ଲୋଡ଼ିଥିଲେ । କେତେକ ସ୍ଥାନରେ ନଳକୂଅ ଅଚଳ ହୋଇ ପଡିଥିବା ବେଳେ କେତେକ ସ୍ଥାନରେ ପିଇବା ଉପଯୋଗୀ ପାଣି ବାହାରୁ ନଥିବା ବେଳେ ବାରମ୍ବାର କହିବା ସତ୍ତ୍ୱେ ଅଧିକାରୀ ଏଦିଗରେ ପଦକ୍ଷେପ ନେଉନଥିବା ଅଭିଯୋଗ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଚଳ ନଳକୂପ ଗୁଡିକୁ ତୁରନ୍ତ ମରାମତି କରିବାସହ ପ୍ରସ୍ତାବିତ




ନୂତନ ନଳକୂଅ ଖନନ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ କରାଯାଇଥିଲା । କୃଷି, ସମବାୟ ଓ ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁପାଳନ, କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ, ଅନୁସୂଚୀତ ଜାତି ଓ ଜନଜାତି, ଜଙ୍ଗଲ, ଓଡ଼ିଶା ଜୀବିକା ମିଶନ, ମୃତ୍ତିକା ସଂରକ୍ଷଣ,ବିଦ୍ୟୁତ, ଏମଜିଏନଆରଇଜିଏସ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ଏସଆଇଆର ଗଣନା ସମ୍ପର୍କୀତ ଆଲୋଚନା ହୋଇଥିଲା ।

## ବେହେରାମାଲ୍ ଟ୍ରାଫିକ୍ ଛକରେ ଲାଗିବ 'ମିଷ୍ଟିଙ୍ଗ୍ ସିଷ୍ଟମ୍'

ଝାରସୁଗୁଡ଼ା,(ନିପ୍ର): ସହରରେ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଉତ୍ତାପରୁ ଜନସାଧାରଣ ଓ ଜେବ୍ରା କ୍ରସିଂରେ ଅପେକ୍ଷା କରୁଥିବା ବାହନ ଚାଳକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ୱାଟକୋ, ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ସହରର ବେହେରାମାଲ୍ ଟ୍ରାଫିକ୍ ଛକଠାରେ ପ୍ରାଥମିକ ଭାବେ ଏକ ଆଧୁନିକ 'ମିଷ୍ଟିଙ୍ଗ୍ ସିଷ୍ଟମ୍' ସ୍ଥାପନ କରାଯାଇଛି । ଗତକାଲି ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଏକ ଡେମୋ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମ୍ମୁଖରେ କରାଯାଇଥିଲା । ଜିଲ୍ଲାପାଳ ଏହି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମୀକ୍ଷା କରିଥିଲେ । ଏହି ସ୍ୱତନ୍ତ୍ର 'ମିଷ୍ଟିଙ୍ଗ୍ ସିଷ୍ଟମ୍' ପ୍ରଯୁକ୍ତିବିଦ୍ୟା 'ଫ୍ଲାସ୍ ଇଭାପୋରେସନ୍' ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିଥାଏ । ଏହି ସିଷ୍ଟମ୍ ବାୟୁମଣ୍ଡଳକୁ ଅତି ସୂକ୍ଷ୍ମ ଜଳକଣା ବିଛୁରିତ କରିଥାଏ, ଯାହା ପରିବେଶରେ ଥିବା ପ୍ରଚଣ୍ଡ ଉତ୍ତାପକୁ ଶୋଷି ନେଇଥାଏ । ଫଳରେ ଆଖପାଖ ଅଞ୍ଚଳର ବାୟୁ ତୁରନ୍ତ ଥଣ୍ଡା ହୋଇଯାଏ ଏବଂ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାପମାତ୍ରାରେ ଏକ ବଡ଼ ଧରଣର ହ୍ରାସ ଓ ଶୀତଳତା ଅନୁଭବ କରିପାରିବେ ।



## ଛାତ୍ରୀଙ୍କ ଉଚ୍ଚଶିକ୍ଷାରେ ଅର୍ଥ ସାଜିଛି ବାଧକ: ସରକାରୀ ସହାୟତା ପାଇଁ ନିବେଦନ

ବାଲିଚନ୍ଦ୍ରପୁର,(ନିପ୍ର): ଜଣେ ମେଧାବୀ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପଥରେ ଏବେ ଦାରିଦ୍ର୍ୟ ସାଜିଛି ବଡ଼ ପ୍ରତିବନ୍ଧକ । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ପଞ୍ଚାୟତର ଗୌଡ଼ପାଟଣା ଗ୍ରାମର ବିଜୟଲକ୍ଷ୍ମୀ ସାମଲଙ୍କ କ୍ଷେତ୍ରରେ ଏଭଳି ଏକ ଦୁଃଖଦ ପରିସ୍ଥିତି ଦେଖିବାକୁ ମିଳିଛି । ବିଜୟଲକ୍ଷ୍ମୀ ହେଉଛନ୍ତି ବସନ୍ତ କୁମାର ସାମଲଙ୍କ ଝିଅ । ସେ ପାଠପଢ଼ାରେ ଅତ୍ୟନ୍ତ ମେଧାବୀ ଏବଂ ତାଙ୍କର କୃତିତ୍ୱ ନିମ୍ନଲିଖିତ ପରୀକ୍ଷା ଫଳରୁ ସ୍ପଷ୍ଟ ଜଣାପଡ଼େ: ଯୁକ୍ତ-୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ସେ ୯୧.୬୬ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପୂର୍ବରୁ ସେ ଦଶମ ଶ୍ରେଣୀରେ ମଧ୍ୟ ୮୦ ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଥିଲେ । ବିଜୟଲକ୍ଷ୍ମୀଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ । ତାଙ୍କ ବାପା ନିଜର ଜମି ବିକ୍ରି କରି ଟାଙ୍ଗୀସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଝିଅକୁ ପାଠ ପଢ଼ାଇଥିଲେ । ସେଠାରେ ବିଜୟଲକ୍ଷ୍ମୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ଏବେ ତାଙ୍କ ପାଖରେ ନାହିଁ । ଉଚ୍ଚଶିକ୍ଷା ପାଇଁ ତାଙ୍କ ପରିବାରର ସମ୍ବଳ ନ ଥିବାରୁ ମେଧାବୀ ଛାତ୍ରୀ ବିଜୟଲକ୍ଷ୍ମୀ ଏବେ ତାଙ୍କର ଭବିଷ୍ୟତକୁ ନେଇ ଗଭୀର ଚିନ୍ତାରେ ଅଛନ୍ତି । ପାଠ ପଢ଼ିବା ପାଇଁ ଅଦମ୍ୟ ଇଚ୍ଛାଶକ୍ତି ରଖିଥିବା ଏହି ମେଧାବୀ ଛାତ୍ରୀଙ୍କୁ ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଉପଯୁକ୍ତ ସହାୟତା ମିଳିଲେ ସେ ନିଜର ସ୍ୱପ୍ନ ସାକାର କରିବା ସହ ସମାଜ ପାଇଁ ଏକ ଦୃଷ୍ଟାନ୍ତ ସାଜିପାରନ୍ତେ ।

## ଜୁନ୍ ୧ରୁ ଆମ୍ ଆଦମୀ ପାର୍ଟି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବ : ସାଂସଦ ସଞ୍ଜୟ ସିଂହ

ରାଉରକେଲା,(ନିପ୍ର): ରାଜ୍ୟସଭା ସାଂସଦ ତଥା ଆମ୍ ଆଦମୀ ପାର୍ଟି ନେତା ସଞ୍ଜୟ ସିଂହ ମଙ୍ଗଳବାର ରାଉରକେଲା ଗସ୍ତରେ ଆସି ପାନ୍ଥନିବାସ ଠାରେ ଆୟୋଜିତ ଦଳର ବୈଠକରେ ଯୋଗଦେବା ସହ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ପ୍ରକାଶ କରିଥିଲେ ଯେ, ଆମ୍ ଆଦମୀ ପାର୍ଟି ଓଡିଶାରେ ନିଜର ସ୍ଥିତିକୁ ସୁଦୃଢ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି




ଆରମ୍ଭ କରିବ । ଏହି କାର୍ଯ୍ୟ ଜୁନ୍ ୧ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ରାଜ୍ୟସଭା ସାଂସଦ ତଥା ଆମ୍ ଆଦମୀ ପାର୍ଟିର ନେତା ସଞ୍ଜୟ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଆପ୍ ପକ୍ଷରୁ ଆୟୋଜିତ ବୈଠକରେ ଦଳର ନେତା ତଥା ଲୋକସଭା ପ୍ରଭାରୀ ବିନୟ ତିୱାରୀ, ସୁନ୍ଦରଗଡ ଦର୍ଜିଂର ପୂର୍ବତନ ସରପଞ୍ଚ କୁନି ମୁଣ୍ଡା, ସଂଖ୍ୟା ଲଘୁ ସେଲର ସଦସ୍ୟ ଅଜମେର, ରାଉରକେଲା ସଦସ୍ୟ ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ । ଆମ୍ ଆଦମୀ ପାର୍ଟି ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଗ ନେବା ସହିତ ୨୦୨୯ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ପ୍ରସ୍ତୁତି ପଥରେ ଅଗ୍ରସର ହେବ ବୋଲି ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ନିର୍ବାଚନ ସମୟରେ ଆମ୍ ଆଦମୀ ପାର୍ଟିର ଶୀର୍ଷ ନେତୃତ୍ୱ ଓଡିଶାର ସାଧାରଣ ନିର୍ବାଚନ ସମୟରେ ଆସି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ସିଂହ କହିଥିଲେ । ଏଥିସହିତ ରାଉରକେଲାର ବିକାଶକୁ କେନ୍ଦ୍ର ତଥା ରାଜ୍ୟର ଡବଲ ଇଞ୍ଜିନ ସରକାର ଅଣଦେଖା କରୁଥିବାକୁ ନେଇ ପାର୍ଲିଆମେଣ୍ଟ ଅଧିବେଶନ ସମୟରେ ପ୍ରଶ୍ନ କରିବେ ବୋଲି ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ସୂଚନା ଦେଇଥିଲେ ।

## ବଡ଼ନାଳ ଜଳଭଣ୍ଡାରରେ ଇକୋ- ଟୁରିଜିମ୍ ବିକାଶ ଆରମ୍ଭ

ରାୟଗଡ଼ା,(ନି:ପ୍ର): ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ପଦ୍ମପୁର ବ୍ଲକ୍ ସ୍ଥିତ ବଡ଼ନାଳ ଜଳସେଚନ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଇକୋ ଟୁରିଜମ ବା ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ପ୍ରାସାସନିକ ସ୍ତରରେ ଉକ୍ତ ବିକାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତତ୍ପର ହୋଇ ଉଠିଛି । ଗତ ୨୦୨୫ରେ ରାଜ୍ୟ ସରକାର୍ ଗୁଣପୁର ନିର୍ବାଚନ ମଣ୍ଡଳୀରେ ଦୁଇଟି ଇକୋ ଟୁରଜିମ ନିର୍ମାଣ ପାଇଁ ପ୍ରସ୍ତାବ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ । ଏହାକୁ ଆଧାର କରି ବିଧାୟକ ଶ୍ରୀ ଗମାଙ୍ଗ ଗତ ୨୧ ଡିସେମ୍ବର ୨୦୧୫ ମସିହାରେ ମିନାଝୋଲା ଓ ବଡନାଳ ଜଳସେଚନ ପ୍ରକଳ୍ପ ବା ଡ୍ୟାମ୍ ଅଞ୍ଚଳରେ ଇକୋ ଟୁରିଜିମ୍ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତୁତ ରହିବା ପାଇଁ ଆବଶ୍ୟକ ଆନୁସଙ୍ଗିକ ପ୍ରକଳ୍ପ ଗୁଡ଼ିକ ପାଇଁ



ରାଜ୍ୟ ସରକାରଙ୍କୁ ଏକ ପତ୍ର ମାଧ୍ୟମରେ ବିବରଣୀ ବିଷୟରେ ଅବଗତ କରାଇଥିଲେ । ଏହାକୁ ଭିତ୍ତି କରି ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣି ଏକ ବୈଷୟିକ ଦଳକୁ ନେଇ ବଡ଼ନାଳ ଜଳସେଚନ ପ୍ରକଳ୍ପ ବା ଡ୍ୟାମ୍ ଅଞ୍ଚଳ ପରିଦର୍ଶନ କରି ଅନୁଧ୍ୟାନ କରି ଫେରିବା ପରେ ରାୟଗଡ଼ା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଏହାର ବାସ୍ତବିକ୍ ସ୍ଥିତି ପରଖିବା ପାଇଁ, ସମୀକ୍ଷା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ପଦ୍ମପୁର ଅଞ୍ଚଳର ସଚେତନ ନାଗରିକ ସୁଦର୍ଶନ ପାଢୀଙ୍କ ଦ୍ୱାରା ଦାଖଲ ହୋଇଥିବା ଇ - ଅଭିଯୋଗକ୍ରମେ ବନ ବିଭାଗ ନେଇଥିବା ପଦକ୍ଷେପ ସଂକ୍ରାନ୍ତରେ ଅବଗତ କରାଇଥିଲେ ।ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟରୁ ପ୍ରକାଶିତ ପତ୍ର ସଂଖ୍ୟା ୨୪୩୫ ପ୍ରକାରେ ବଡନାଳ ଜଳ ଭଣ୍ଡାର ଏବଂ ଏହାର ଆଖପାଖ ଅଞ୍ଚଳରେ ଜଙ୍ଗଲ ଜମିର ବିକାଶ ପାଇଁ ଏକାଧିକ ସରକାରି ବିଭାଗର ମିଳିତ ସମୀକ୍ଷାରେ ଅନୁଧ୍ୟାନ କରିବା ପାଇଁ ଚିନ୍ତା ବ୍ୟକ୍ତ କରାଯାଇଛି । ସବୁ ବିଭାଗର ମିଳିତ ଉଦ୍ୟମରେ ପ୍ରକଳ୍ପ ନିର୍ମାଣର ଆବଶ୍ୟକତାକୁ ଏଡାଇ ଦିଆଯାଇ ନପାରେ ବୋଲି ମତ ପ୍ରକାଶ ପାଇଛି । ବଡ଼ନାଳ ଡ୍ୟାମ୍ ଓ ଏହାର ଆନୁସଙ୍ଗିକ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ଜଳ ସମ୍ପଦ ବିଭାଗ ଅଧିନରେ ରହିଛି । ତେଣୁ ପର୍ଯ୍ୟଟନ ସ୍ଥଳୀର ବିକାଶ, ଜେଟି ନିର୍ମାଣ କିମ୍ବା ବୋଟିଂ ଭଳି କାର୍ଯ୍ୟକ୍ରମ ପାଇଁ ପ୍ରଯୁକ୍ତି ବିଦ୍ୟା, ବୈଷୟିକ ଜ୍ଞାନକୌଶଳ, ଜଳ ଭଣ୍ଡାର ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବିଶେଷ ଭାବେ ଧ୍ୟାନ ଦେଇ ଏହାର ଅଗ୍ରଗତି ଉପରେ ଚିନ୍ତା କରା ଯାଇପାରେ ବୋଲି ମତ ପ୍ରକାଶ ପାଇଛି ।

## କ୍ରସର୍ ପାଇଁ ଗାଁ ରେ ୩୦ରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ

### ବନ୍ଦ ନହେଲେ ଆନ୍ଦୋଳନ ହେବ : ଗ୍ରାମବାସୀ

ରେଢ଼ାଖୋଲ,(ନିପ୍ର): ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତର ଏକ ପଥର କ୍ରସର୍‌ରେ ମାସକରେ ୨ଜଣ ମରିବା ଘଟଣାକୁ ଚପେଇ ଦେବା ପାଇଁ ଯୋଜନା ଚାଲିଥିବା ସ୍ଥାନୀୟ ଲୋକେ କହୁଛନ୍ତି । ପ୍ରଥମ ଘଟଣାଟି ଗାଁ ଲୋକଙ୍କ ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପଡିଥିବା ମୃତ ଦେହକୁ ପୋଲିସକୁ ଉଠାଇବାକୁ ମନା କରିଥିଲେ । ଅନ୍ୟପଟେ ଲୋକଙ୍କ ଉତ୍ତେଜନା ହେତୁ ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ପହଞ୍ଚି ବୁଝା ସୁଝା ସମୟରେ ପୋଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ ମୃତ ଦେହକୁ ଗଭୀର ପଥର କୁଆଁରି ପାଣି ଭିତରୁ ବାହାର କରି ଆଣି ଅଗ୍ନିଶମ ବିଭାଗ ଗାଡ଼ିରେ ରଖି ନେଉଥିବା ବେଳେ ଲୋକେ ଉତ୍ତ୍ୟକ୍ତ ହୋଇ ଗାଡ଼ିକୁ ଅଟକାଇ ଥିଲେ । ଘର ଲୋକଙ୍କ ଅନୁପସ୍ଥିତି ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିନା ତଦନ୍ତରେ କାହା ନିର୍ଦ୍ଦେଶରେ ଆପଣ ମୃତଦେହ ବାହାର କରି ନେଉଥିଲେ ବୋଲି ପୋଲିସକୁ



ପ୍ରଶ୍ନ କରିବା ସହ ପୋଲିସ ତଦନ୍ତକୁ ସନ୍ଦେହ କରି ମୃତଦେହକୁ ଅଟକାଇ ରଖିଥିଲେ ସ୍ଥାନୀୟ ଲୋକେ । ଯେପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିବାର ଲୋକ ନ ଆସିବେ ଏବଂ ମୃତ ବ୍ୟକ୍ତି ଓ ପରିବାରକୁ ନ୍ୟାୟ ନମିଳିବ ସେପର୍ଯ୍ୟନ୍ତ ସେଠାରୁ ମୃତ ଦେହ ନେବାକୁ ମନା କରିଥିଲେ । ଅନ୍ୟପଟେ କ୍ରସର୍ ହେବାଦିନ ଠାରୁ ମାଲିକର ଦେଖାନାହିଁ ହେଲେ କ୍ରସର୍‌ରେ ଅହରହ ପଥର କାମ ଚାଲିଛି ଯାହାଫଳରେ ପଥର ବ୍ଲାଷ୍ଟିଙ୍ଗ ଯୋଗୁଁ ଆଖପାଖ ଗାଁ ରେ ଅନେକ ସମସ୍ୟା ଉପୁଜୁଛି । ଗାଁ ଲୋକଙ୍କ କହିବା ଅନୁସାରେ ଲୋକେ ରାତିରେ ମଧ୍ୟ ପଥର ବ୍ଲାଷ୍ଟିଙ୍ଗ ଯୋଗୁଁ ସୋଇ ପାରୁନାହାନ୍ତି,ଘର ଦୋହଲୁଛି, ଅହରହ କ୍ରସର୍ ଚାଲିବା ଫଳରେ ପଥର ଗୁଣ୍ଡ ସବୁବେଳେ ଉଡୁଛି, ରାସ୍ତା ଉପରେ ପଥର ଗୁଣ୍ଡ ଯୋଗୁଁ ଛାତ୍ରଛାତ୍ରୀ ମାନେ ସ୍କୁଲ ଯିବା ଆସିବାରେ ଅସୁବିଧା ହେଉଛି । ଏହି ପଥର ଗୁଣ୍ଡ ଉଡ଼ିବା ଯୋଗୁଁ ଗାଁ ରେ ପ୍ରାୟତଃ ୩୦ରୁ ଉର୍ଦ୍ଧ୍ୱ ଲୋକ କିଡନୀ ରୋଗରେ ଆକ୍ରାନ୍ତ ଅଛନ୍ତି ବୋଲି ଅଭିଯୋଗ ହୋଇଛି । ତେଣୁ ଏଠାରୁ ଏହି କ୍ରସର୍‌କୁ ଉଚ୍ଛେଦ ତଥା ବନ୍ଦ କରିବାକୁ ପ୍ରଶାସନ ଓ ସରକାରଙ୍କୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ବନ୍ଦ ନହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଗାଁ ଲୋକେ ଚେତାବନୀ ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Keonjhar, dtd.25/05/2026, I, Kalpana Dehury Daughter of Dambaru Dhar Dehury, At-Rugudikasada, Po-Banspal, Ps-Kanjipani, Dist-Keonjhar, Pin-758018 declare that, I have changed my name from Kadali Dehury to Kalpana Dehury. Henceforth, I shall be known as Kalpana Dehury for all purposes.

**Sd/-Kalpana Dehury**

**AFFIDAVIT**

By virtue of an affidavit sworn before Executive Magistrate, Keonjhar, dtd 25/05/2026 I, Jhingi Munda W/o-Natha Munda, At- Sahartangiri, Po-Masinajodi, Ps-Pandapada, Dist- Keonjhar, Pin-758079 declare that, I have changed the name of my Daughter from Ratna Munda to Ratani Munda. Henceforth, She shall be known as Ratani Munda for all purposes.

**Sd/- Jhingi Munda**

**AFFIDAVIT**

I, Rajendra Kumar Maharana aged about 60 years. S/o-Late Purna Nanda Maharana. Residentat Khaira, Barchana, Jajpur. That All are the names Rajendra Kumar Maharana and R.K.Maharana belong to one and same Person. I have submitted an affidavit before the Notary Public at Barbil vide N.R.No-431 on dated-31.03.2026 for proof of same.

**AFFIDAVIT**

By virtue of an affidavit sworn before The Executive Magistrate, Keonjhar, dtd.25/05/2026. I, Sukadeb Mardi S/o-Tura Mardi At-Sirispal, Po-Sirishpal, Ps-Town, Dist-Keonjhar, Pin-758014 declare that, I have changed my name from Shuku Mardi to Sukadeb Mardi. Henceforth, I shall be known as Sukadeb Mardi for all purposes.

**Sd/-Sukadeb Mardi**

**AFFIDAVIT**

By virtue of an affidavit sworn before Executive Magistrate, Keonjhar, dtd.25/05/2026, I, Ranjit Naik S/o-Nadara Naik At-Jagannathapur, Po-Kathabari, Ps-Raisuan, Dist-Keonjhar, Pin-758029 declare that I, have changed the name of my Daughter from Rojaleen Naik to Rujalin Naik henceforth, She shall be known as Rujalin Naik for all purposes.

**Sd/-Ranjit Naik**

# ଆସାମ ବିଧାନସଭାରେ ଐତିହାସିକ ୟୁସିସି ବିଲ୍ ପାସ୍

ଗୁଆହାଟି,୨୭।୫: ଆସାମ ବିଧାନସଭାରେ ସମାନ ନାଗରିକ ସଂହିତା ବିଲ୍-୨୦୨୬ ଆଜି ଗୃହୀତ ହୋଇଛି। ଏହା କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ, ବରଂ ଏହା ଉତ୍ତର-ପୂର୍ବ ଭାରତର ଜଟିଳ ସାମାଜିକ ଓ ସାଂସ୍କୃତିକ ଢାଞ୍ଚାରେ ଏକ ବଡ଼ ରାଜନୈତିକ ପଦକ୍ଷେପ ବୋଲି କୁହାଯାଉଛି। ଉତ୍ତରାଖଣ୍ଡ ଓ ଗୁଜରାଟ ପରେ ଆସାମ ଏହି ଆଇନ ଆଣିବାରେ ଦେଶର ତୃତୀୟ ରାଜ୍ୟ ହୋଇଥିବା ବେଳେ, ଏହା ସମାନତା ଏବଂ ସାଂସ୍କୃତିକ ସ୍ୱାଧୀନତା ମଧ୍ୟରେ ଥିବା ସୀମାରେଖାକୁ ପୁନଃ ନିର୍ଦ୍ଧାରିତ କରୁଛି। ଗୋଟିଏ ପଟେ ସରକାର ଏହାକୁ ଲିଙ୍ଗଗତ ନ୍ୟାୟ ଓ ମହିଳା ସଶକ୍ତିକରଣର ଏକ ବଡ଼ ମାଧ୍ୟମ ବୋଲି ଦର୍ଶାଉଥିବା ବେଳେ, ଅନ୍ୟପଟେ ବିରୋଧୀ ଦଳ ଏହାକୁ ସଂଖ୍ୟାଲଘୁ ସମୁଦାୟଙ୍କ ଅଧିକାର ଉପରେ ଆଘାତ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି କହି ସମାଲୋଚନା କରୁଛନ୍ତି। ରାଜ୍ୟର ଜନସଂଖ୍ୟା ଗଠନକୁ ଦୃଷ୍ଟିରେ ରଖି ଏହି ଆଇନରୁ ଆଦିବାସୀଙ୍କୁ ବାଦ୍ ଦେବା ଏବଂ ମୁସଲିମ୍ ଜନସଂଖ୍ୟାକୁ ଏହାର ପରିସରଭୁକ୍ତ କରିବା ରାଜ୍ୟ ରାଜନୀତିକୁ ଅଧିକ ପ୍ରଭାବିତ କରିଛି। ଏହି ନୂତନ ଆଇନ ପରିସରରେ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ଲିଭ୍-ଇନ୍ ସମ୍ପର୍କକୁ ଏକ ସାଧାରଣ ନାଗରିକ ଢାଞ୍ଚା ମଧ୍ୟକୁ ଅଣାଯାଇଛି। ରାଜ୍ୟର ପ୍ରାୟ ୧୨.୦୫ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ସମୁଦାୟଙ୍କୁ ସେମାନଙ୍କର ପାରମ୍ପରିକ ଓ ସାଂସ୍କୃତିକ ପ୍ରଥାକୁ ସମ୍ମାନ ଜଣାଇ ଏହି ଆଇନରୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ କହିବା ଅନୁଯାୟୀ, ଏହି ବିଲ୍ ମହିଳା, ବିଶେଷ କରି ମୁସଲିମ୍ ମହିଳାଙ୍କ ଅଧିକାରକୁ ସୁରକ୍ଷା ଦେବ। ନୂଆ ନିୟମ ଅନୁସାରେ ରାଜ୍ୟରେ ବହୁବିବାହ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି ଏବଂ ସମସ୍ତ ବିବାହ, ଛାଡ଼ପତ୍ର ତଥା ଲିଭ୍-ଇନ୍ ସମ୍ପର୍କର ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି।

# ଟିଏମସିର ସମସ୍ତ ପଦରୁ ଇସ୍ତଫା ଦେଲେ କାକୋଲି ଘୋଷ



ନୂଆଦିଲ୍ଲୀ,୨୭।୫: ତୃଣମୂଳ କଂଗ୍ରେସର ସାଂସଦ କାକୋଲି ଘୋଷ ଦସ୍ତିଦାର ବୁଧବାର ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ଦଳ ତାଙ୍କୁ ଲୋକସଭା ସଚେତକ ପଦରୁ ହଟାଇ ଦେଇଥିଲା। ମନେ କରାଯାଉଛି ଯେ, ଦଳର ଏହି ନିଷ୍ପତ୍ତି ପରଠାରୁ ସେ ଅସନ୍ତୁଷ୍ଟ ଥିଲେ। ତେବେ, ସେ ସ୍ପଷ୍ଟ କରି କହିଛନ୍ତି ଯେ ସେ ତୃଣମୂଳ କଂଗ୍ରେସ ଛାଡୁ ନାହାନ୍ତି । ସେ ପଶ୍ଚିମବଙ୍ଗ ଏବଂ ସେଠାକାର ଲୋକଙ୍କ ସ୍ୱାର୍ଥ ପାଇଁ ଜଣେ ସାଧାରଣ କର୍ମୀ ଭାବେ ଦଳ ସହ ଜଡ଼ିତ ରହିବେ । ଏହା ମଧ୍ୟରେ ପଶ୍ଚିମବଙ୍ଗରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଥିବା କାକୋଲି ଘୋଷଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ତୃଣମୂଳ କଂଗ୍ରେସ (ଟିଏମସି) କାକୋଲି ଘୋଷଙ୍କୁ ହଟାଇ ତାଙ୍କ ସ୍ଥାନରେ କଲ୍ୟାଣ ବାନାର୍ଜୀଙ୍କୁ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତ କରିଥିଲା। କାକୋଲି ଘୋଷ କିଛି ସମୟ ପୂର୍ବରୁ ବାରାସତ ଜିଲ୍ଲା ଅଧ୍ୟକ୍ଷ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ସେ ଭାଜପାରେ ଯୋଗ ଦେଇପାରନ୍ତି। ଏହି ଚର୍ଚ୍ଚାକୁ ଲୋକସଭାରେ ଦଳର ନୂଆ ମୁଖ୍ୟ ସଚେତକ କଲ୍ୟାଣ ବାନାର୍ଜୀଙ୍କ ଏକ ପୋଷ୍ଟ ଆହୁରି ଜୋରଦାର କରିଛି। କଲ୍ୟାଣ ବାନାର୍ଜୀ ଲେଖିଥିଲେ, "ଆପଣଙ୍କ ଆଗାମୀ ଯାତ୍ରା ସୁଗମ ଏବଂ ଆରାମଦାୟକ ହେଉ। ଆପଣ ଓ ଆପଣଙ୍କ ପରିବାରକୁ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅନେକ ଶୁଭେଚ୍ଛା।"

# 'ବାଇଜୁସ୍' ପ୍ରତିଷ୍ଠାତାଙ୍କୁ ୬ ମାସ ଜେଲ ଦଣ୍ଡ

ନୂଆଦିଲ୍ଲୀ,୨୭।୫: ଦେଶର ପ୍ରଥମ ବଡ଼ ଟେକ୍ ଏଜୁକେସନ କମ୍ପାନି 'ବାଇଜୁସ'ର ମାଲିକ ବାଇଜୁ ରବିନ୍ଦ୍ରନଙ୍କୁ ସିଙ୍ଗାପୁରର ଏକ କୋର୍ଟ ୬ ମାସର ଜେଲ ଦଣ୍ଡ ଶୁଣାଇଛନ୍ତି। କୋର୍ଟ କହିଛନ୍ତି ରବିନ୍ଦ୍ରନ ନିଜ ସମ୍ପତ୍ତି ସହ ଜଡ଼ିତ ଜରୁରୀ ନଥିପତ୍ର ଲୁଚାଇବା ସହ ଅଦାଲତଙ୍କ ଆଦେଶ ଅବମାନନା କରିଛନ୍ତି। ସିଙ୍ଗାପୁର କୋର୍ଟଙ୍କ ଅନୁସାରେ, ରବିନ୍ଦ୍ରନ ଏପ୍ରିଲ ୨୦୨୪ରୁ ଲଗାତାର ନିଜ ସମ୍ପତ୍ତି ସହ ଜଡ଼ିତ ସୂଚନା ଦେବାର ଆଦେଶକୁ ଅଣଦେଖା କରୁଥିଲେ। ଆଉ ବାରମ୍ବାର ଅଦାଲତଙ୍କ ଆଦେଶର ଉଲ୍ଲଙ୍ଘନ କରିବା ଯୋଗୁ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ଜେଲ ପଠାଇବାକୁ ରାୟ ଶୁଣାଇଛନ୍ତି। କୋର୍ଟ ରବିବନ୍ଦ୍ରନଙ୍କୁ ତୁରନ୍ତ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ କହିଛନ୍ତି। ସଜା ସହ ରବିନ୍ଦ୍ରନଙ୍କ ଉପରେ ୯୦ ହଜାର ସିଙ୍ଗାପୁର ଡଲାର ବା ପ୍ରାୟ ୬୭ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଯାଇଛି। ତାଙ୍କୁ ଏହି ଟଙ୍କା ଲିଗାଲ କଷ୍ଟ୍ ଭାବରେ ଦେବାକୁ ପଡ଼ିବ। ଏହା ବାଦ୍ ରବିନ୍ଦ୍ରନଙ୍କୁ 'ବି.ଆର ଇନଭେଷ୍ଟକୋ ପିଟିଇ'ର ଆଇନଗତ ମାଲିକାନା ପ୍ରମାଣିତ କରୁଥିବା ଦସ୍ତାବିଜ ମଧ୍ୟ କୋର୍ଟରେ ଦାଖଲ କରିବାକୁ ଆଦେଶ ଦିଆଯାଇଛି। ଏହା ଏକ କର୍ପୋରେଟ୍ ସଂସ୍ଥା। ଯାହା ପାଖରେ 'ବାଇଜୁସ'ର ସେୟାର ରହିଛି।

# ବଡ଼ ଅଘଟଣରୁ ବର୍ତ୍ତିଲେ ୨୩୦ ଯାତ୍ରୀ

## ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ,୨୭।୬: ୨୩୦ ଜଣ ଯାତ୍ରୀଙ୍କୁ ନେଇ ଦିଲ୍ଲୀରୁ ସାନ୍ ଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରାୟ ୮ ଘଣ୍ଟାରୁ ଅଧିକ ସମୟ ଆକାଶରେ ରହିବା ପରେ ପୁଣି ଦିଲ୍ଲୀ ବିମାନବନ୍ଦରକୁ ଫେରିଆସିଛି। ଏୟାରଲାଇନ୍ସ ପକ୍ଷରୁ ଜାରି ବୟାନ ଅନୁଯାୟୀ, ବୁଧବାର ଦିନ ଉଡ଼ାଣ ଭରିଥିବା ଏହି ''ଏଆଇ୧୭୩'' ବିମାନଟି ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଉଡ଼ି ଚୀନ୍ ଆକାଶମାର୍ଗରେ ପହଞ୍ଚିବା ପରେ ସେଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ଏହାପରେ ସୁରକ୍ଷା ନିୟମ ଅନୁଯାୟୀ ପାଇଲଟ୍ ବିମାନଟିକୁ ସେଠାରୁ ଦିଲ୍ଲୀ ଆଡ଼କୁ ମୁହାଁଇଥିଲେ ଏବଂ ବିମାନବନ୍ଦରରେ ଏହାର ସୁରକ୍ଷିତ ଜରୁରୀକାଳୀନ ଅବତରଣ କରାଯାଇଛି। ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ ବିମାନର ବୈଷୟିକ ଯାଞ୍ଚ ଚାଲିଛି ଏବଂ ଯାତ୍ରୀମାନଙ୍କ ପାଇଁ ହୋଟେଲ ଓ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଉଛି। ସୂଚନାଯୋଗ୍ୟ ଯେ, ଗତ ମେ' ୨୧ ତାରିଖରେ ମଧ୍ୟ ବେଙ୍ଗାଲୁରୁରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଅନ୍ୟ ଏକ ବିମାନର ଇଞ୍ଜିନରେ ନିଆଁ ଲାଗିଯାଇଥିବା ବେଳେ ତାହାକୁ ଦିଲ୍ଲୀରେ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା।

# ୫ ବର୍ଷରେ ସାର୍ଥକ ପିଡିଏସ୍ ପାଇଁ ୨୫,୫୩୦ କୋଟି ଖର୍ଚ୍ଚ କରିବେ ସରକାର



ନୂଆଦିଲ୍ଲୀ,୨୭।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) 'ରାସନ ପରିବହନ ଏବଂ ପରିଚାଳନା ପାଇଁ ସହାୟତା-ସାଧାରଣ ବଣ୍ଟନରେ ସ୍ୱୟଂକ୍ରିୟ ଆୟ' (ସାର୍ଥକ-ପିଡିଏସ୍) ଯୋଜନାକୁ ଏକ ବ୍ୟାପକ ଯୋଜନା ଭାବେ ଜାରି ରଖିବା ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି। ଷୋଡ଼ଶ ଅର୍ଥ ଆୟୋଗଙ୍କ ଆବଣ୍ଟନ ଅବଧିରେ କେନ୍ଦ୍ର ସରକାରଙ୍କ ତରଫରୁ ୨୫,୫୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଦ୍ୱାରା ଆନ୍ତଃରାଜ୍ୟ ପରିବହନ ଓ ଖାଦ୍ୟ ଶସ୍ୟ ପରିଚାଳନା ଏବଂ ଏଫପିଏସ ଡିଲରମାନଙ୍କ ମାର୍ଜିନ୍ ଉପରେ ହେଉଥିବା ଖର୍ଚ୍ଚକୁ ପୂରଣ କରିବା ତଥା କେନ୍ଦ୍ରୀୟ ସହାୟତାର ବର୍ତ୍ତମାନର ପାଣ୍ଠି ଢାଞ୍ଚାକୁ ଜାରି ରଖିବା ଲାଗି ସିସିଇଏ ମଧ୍ୟ କେନ୍ଦ୍ରୀୟ ସହାୟତାର ମାନଦଣ୍ଡକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଯୋଜନାର ପରିକଳ୍ପନା ଏକ ବ୍ୟାପକ ଯୋଜନା ରୂପରେ କରାଯାଇଛି ଯାହା ନିମ୍ନ ଲିଖିତ ଦୁଇଟି ବର୍ତ୍ତମାନର ଯୋଜନାକୁ ଏକୀକୃତ କରିଥାଏ। ଏହି ଯୋଜନା ଦୁଇଟି ହେଲା - (୧) ଏନଏଫଏସଏ ଅଧୀନରେ ରାଜ୍ୟ ଏଜେନ୍ସିଗୁଡ଼ିକୁ ଖାଦ୍ୟଶସ୍ୟର ଆନ୍ତଃରାଜ୍ୟ ପରିବହନ ଏବଂ ଏଫପିଏସ ଡିଲରମାନଙ୍କୁ ମାର୍ଜିନ ପାଇଁ ସହାୟତା ଏବଂ (୨) ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଧୁନିକୀକରଣ ଏବଂ ସଂସ୍କାର ପାଇଁ ଯୋଜନା (ସ୍ମାର୍ଟ ପିଡିଏସ)। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ (ଏନଏଫଏସଏ)ର କାର୍ଯ୍ୟକାରିତାକୁ ବ୍ୟାପକ ଭାବରେ ସୁଦୃଢ଼ କରାଯାଇପାରିବ। ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି (କ) ଆନ୍ତଃରାଜ୍ୟ ଗତିବିଧି, ପରିଚାଳନା ଏବଂ ଏଫପିଏସ୍ ଡିଲର ମାର୍ଜିନ୍ ପାଇଁ ନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବା, ଏବଂ (ଖ) ଏକ ସମନ୍ୱିତ, ନାଗରିକ-କୈନ୍ଦ୍ରିକ, ବୁଦ୍ଧିମତ୍ତାପୂର୍ଣ୍ଣ ଏବଂ ଆନ୍ତଃପରିଚାଳିତ ପିଡିଏସ୍ ଢାଞ୍ଚା ପ୍ରଦାନ କରିବା। ଏହା ଶେଷ ମାଇଲ୍ ବିତରଣକୁ ସୁନିଶ୍ଚିତ କରିବ, ବାଟମାରଣା ହ୍ରାସ କରିବ ଏବଂ ଏନଏଫଏସଏ ଅଧୀନରେ ଖାଦ୍ୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ସମନ୍ୱିତ ଯୋଜନା ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ଜାରି ରହିବ।

# ଜାତିସଂଘରେ ଭାରତର ପାକିସ୍ତାନକୁ ଚେତାବନୀ

## 'ଆତଙ୍କବାଦକୁ ପ୍ରୋତ୍ସାହନ ବନ୍ଦ କର'

ନୂଆଦିଲ୍ଲୀ,୨୭।୫: ବୁଧବାର ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ମୁକ୍ତ ଆଲୋଚନାରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ହରୀଶ ପର୍ବଥାନେନୀ ପାକିସ୍ତାନକୁ କଡ଼ା ଭାଷାରେ ଚେତାବନୀ ଦେଇ କହିଛନ୍ତି ଯେ, ଇସଲାମାବାଦକୁ ଏହା ଭଲଭାବେ ବୁଝିବାକୁ ହେବ ଯେ ସୀମାପାର ଆତଙ୍କବାଦକୁ ପ୍ରସୟ ଦେଲେ ତା'ର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ସ୍ୱାଧୀନତା ପରଠାରୁ ପାକିସ୍ତାନର ଇତିହାସ କେବଳ ଭାରତ ବିରୋଧରେ ହିଂସା ଉସକାଇବା ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେବାରେ ହିଁ କଟିଛି। ପାକିସ୍ତାନର 'ଭାରତକୁ ରକ୍ତାକ୍ତ କରିବା' ରଣନୀତି ହିଁ ତା'ର ପ୍ରକୃତ ଚେହେରାକୁ ପଦାରେ ପକାଇ ଦେଇଛି। ତେଣୁ




ଏଭଳି ସୀମାପାର ଆତଙ୍କବାଦରୁ ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଭାରତର ରହିଛି। ସୁରକ୍ଷା ପରିଷଦରେ ଭାରତୀୟ ଦୂତ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ନିଜ ଗଠନ କାଳରୁ ହିଁ ଧାରାବାହିକ ଭାବେ ଉଗ୍ରବାଦୀ ଶକ୍ତି, ଧାର୍ମିକ କଠୋରତା ଓ ହିଂସାତ୍ମକ ମୌଳବାଦକୁ ପୋଷଣ କରିଆସୁଛି। ସମ୍ପୂର୍ଣ୍ଣ ଆଇନଗତ ଏବଂ ଅପରିବର୍ତ୍ତନୀୟ ଭାବେ ଭାରତର ଅଙ୍ଗ(ଜମ୍ମୁକାଶ୍ମୀର) ପାଲଟିଥିବା ଭୂଖଣ୍ଡକୁ ହଡ଼ପ କରିବା ପାଇଁ ପାକିସ୍ତାନ ବାରମ୍ବାର ସାର୍ବଭୌମତ୍ୱ ଓ ଶାନ୍ତିପୂର୍ଣ୍ଣ ସହଅବସ୍ଥାନର ନିୟମକୁ ଉଲ୍ଲଂଘନ କରିଛି। ଗତ ସପ୍ତାହରେ ମଧ୍ୟ ଜାତିସଂଘର ଅନ୍ୟ ଏକ ଆଲୋଚନାରେ ପାକିସ୍ତାନ ଜାମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିବା ବେଳେ ଭାରତ ତାର କଡ଼ା ଜବାବ ଦେଇଥିଲା।



ତାମିଲନାଡୁ ସ୍ୱାର୍ଥ ସଂପର୍କିତ ପ୍ରସଙ୍ଗନେଇ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ୨୦ମିନିଟ ଧରି ଆଲୋଚନା କରିଛନ୍ତି।

# ନିଟ ପ୍ରଶ୍ନପତ୍ର ଲିକ୍ ମାମଲା: ଆଉ ୨ ଗିରଫ

ନୂଆଦିଲ୍ଲୀ, ୨୭।୫: ନିଟ ୟୁଜି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସି.ବି.ଆଇ. ଆଉ ୨ ଜଣଙ୍କୁ ଗିରଫ କରିଛି। ଏହା ସହିତ ଏହି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଲାତୁରର ବାସିନ୍ଦା ଡାକ୍ତର ମନୋଜ ଶିରୁରେ ରହିଛନ୍ତି । ସେ ୩ ଜଣ ଛାତ୍ରଙ୍କୁ ସାହାଯ୍ୟ କରିଥିବା ଅଭିଯୋଗ ହୋଇଛି। ଏମାନଙ୍କ ମଧ୍ୟରେ ଜଣେ ଏକ କୋଚିଂ ସେଣ୍ଟର ମାଲିକଙ୍କ ପୁଅ ମଧ୍ୟ ଅଛନ୍ତି। ଅଭିଯୁକ୍ତ ପି.ଭି. କୁଲକର୍ଣୀଙ୍କଠାରୁ ରସାୟନ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ପାଇବା ପାଇଁ ସେ ଏହି ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିଥିଲେ। ସେହିପରି ତେଜସ୍ ହର୍ଷଦ କୁମାର ଶାହାଙ୍କୁ ମଧ୍ୟ ସିବିଆଇ ଗିରଫ କରିଛି। ସେ ପୁଣେରେ ଏକ କୋଚିଂ ସେଣ୍ଟର ଡକ୍ଟର ଅଭଙ୍ଗ ପ୍ରଭୁ ମେଡିକାଲ ଏକାଡେମୀ (ଏପିଏମଏ) ରେ ପଦାର୍ଥ ବିଜ୍ଞାନର ଜଣେ ଅଧ୍ୟାପକ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସେ ମନୀଷା ହାବିଲଦାରଙ୍କଠାରୁ ଲିକ୍ ହୋଇଥିବା ପଦାର୍ଥ ବିଜ୍ଞାନ ପ୍ରଶ୍ନ ପାଇଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଘରେ ପଶିଲା ଇଡି: ୧୨ଟି ସ୍ଥାନରେ ଚଢାଉ

ଥିରୁଭାନନ୍ତପୁରମ,୨୭।୫:କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢାଉ କରୁଛି। ଏହି ଚଢାଉଗୁଡ଼ିକ ଏକ ମନି ଲଣ୍ଡରିଂ ମାମଲା ସହିତ ଜଡିତ। ଇଡି ପିନାରାଇ ବିଜୟନଙ୍କ ବାସଭବନ ସମେତ ୧୨ଟି ସ୍ଥାନରେ ଚଢାଉ କରିଛି। ସିଏମଆରଏଲ କାର୍ଯ୍ୟାଳୟ ଏବଂ ପିନାରାଇ ବିଜୟନଙ୍କ ତିରୁଭାନନ୍ତପୁରମ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନର ତଦନ୍ତ ଚାଲିଛି।ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଝିଅଙ୍କ ସହ ଜଡିତ ସିଏମଆରଏଲ ମାମଲାରେ ଇଡିର ତଦନ୍ତକୁ ବାତିଲ କରିବାକୁ କେରଳ ହାଇକୋର୍ଟ ମନା କରିବା ପରେ ଏହି ଚଢାଉ ଆରମ୍ଭ ହୋଇଥିଲା।

# ବେଙ୍ଗାଲୁରୁରେ ସନ୍ଦିଗ୍ଧ ଇବୋଲା ମହିଳା ଭର୍ତ୍ତି: ସ୍ୱାସ୍ଥ୍ୟ ବିଭାଗର ତୀବ୍ର ସତର୍କତା




ନୂଆଦିଲ୍ଲୀ,୨୭।୫: ଇବୋଲା ଭାଇରସ ସମ୍ପର୍କରେ ବିଶ୍ୱସ୍ତରୀୟ ସତର୍କତା ଜାରି କରାଯାଇଛି । ଏହି ପରିସ୍ଥିତି ମଧ୍ୟରେ ମେ ୨୩ ତାରିଖରେ ଭାରତରେ ପହଞ୍ଚିଥିବା ଜଣେ ୨୮ ବର୍ଷୀୟା ଉଗାଣ୍ଡା ମହିଳାଙ୍କୁ ବେଙ୍ଗାଲୁରୁର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହିଛନ୍ତି ଯେ ମହିଳାଙ୍କ ଶରୀରରେ ଇବୋଲା ଭଳି ସାମାନ୍ୟ ଲକ୍ଷଣ ଦେଖାଦେବା ପରେ ତାଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ମହିଳା ଜଣକ ଇବୋଲା ପ୍ରଭାବିତ ଅଞ୍ଚଳରୁ ଭାରତରେ ଆସିଥିଲେ। ପ୍ରାରମ୍ଭରେ, ସେ ଏକ ହୋଟେଲରେ ରହୁଥିଲେ କିନ୍ତୁ, ଶରୀରରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଦେବା ପରେ, ତାଙ୍କୁ ବେଙ୍ଗାଲୁରୁର ସରକାରୀ ପରିଚାଳିତ ଏପିଡେମିକ ଡିଜିଜ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି ଯେ ମହିଳାଙ୍କଠାରୁ ନମୁନା ସଂଗ୍ରହ କରାଯାଇଛି ଏବଂ ପରୀକ୍ଷା ପାଇଁ ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଛି । ମହିଳାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି ଏବଂ ଡାକ୍ତରମାନେ ତାଙ୍କ ଉପରେ ନଜର ରଖିଛନ୍ତି । ଏହି ଘଟଣାକ୍ରମକୁ ଦୃଷ୍ଟିରେ ରଖି, କର୍ଣ୍ଣାଟକ ସ୍ୱାସ୍ଥ୍ୟ ବିଭାଗ ଗତ ଶୁକ୍ରବାର ଏକ ପରାମର୍ଶ ଜାରି କରିଛି । ପରାମର୍ଶରେ ଇବୋଲା ପ୍ରଭାବିତ ଆଫ୍ରିକୀୟ ଦେଶଗୁଡ଼ିକରୁ ଫେରିଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ଏବଂ ୨୧ ଦିନ ପର୍ଯ୍ୟନ୍ତ ନିଜକୁ ପର୍ଯ୍ୟବେକ୍ଷଣରେ ରଖିବାକୁ ଅନୁରୋଧ କରାଯାଇଛି ।

### କଙ୍ଗୋ ଏବଂ ଉଗାଣ୍ଡାରେ ଇବୋଲା ଆତଙ୍କ

## ୯୦୦ ରୁ ଅଧିକ ମାମଲା, ୨୦୦ ମୃତ

ନୂଆଦିଲ୍ଲୀ,୨୭/୫: ଆଫ୍ରିକାରେ ଇବୋଲା ଭାଇରସ୍ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଅନୁଯାୟୀ, ଏପର୍ଯ୍ୟନ୍ତ ୯୦୦ ରୁ ଅଧିକ ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଥିବା ବେଳେ ୨୨୩ ଜଣଙ୍କର ମୃତ୍ୟୁ ହୋଇଛି। କଙ୍ଗୋରେ ସର୍ବାଧିକ ମାମଲା ରିପୋର୍ଟ ହୋଇଛି। ଏଠାରେ ୧୧୨ ଜଣ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୧୧ ଜଣଙ୍କର ମୃତ୍ୟୁ ଇବୋଲାରେ ହୋଇଛି। ଏହି ସଂକ୍ରମଣ ପଡ଼ୋଶୀ ଉଗାଣ୍ଡାରେ ମଧ୍ୟ ବ୍ୟାପିବାରେ ଲାଗିଛି, ଯେଉଁଠାରେ ଆଠ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଜଣକର ମୃତ୍ୟୁ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ ରସ୍ କହିଛନ୍ତି ଯେ 'ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ଏ ଦିଗରେ ଶୀଘ୍ର କାମ କରୁଛନ୍ତି, କିନ୍ତୁ ଭାଇରସ୍ ଦ୍ରୁତ ସଂକ୍ରମଣ ଯୋଗୁଁ ପରିସ୍ଥିତି ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଛି।' ଏଥର, ଇବୋଲାର ବୁଣ୍ଡିବୁଗ୍ୟୋ ଷ୍ଟ୍ରେନ ବ୍ୟାପିବାରେ ଲାଗିଛି। ଏହା ଇବୋଲାର ଏକ ବିରଳ ରୂପ। ବର୍ତ୍ତମାନ ଏହାର କୌଣସି ନିର୍ଦ୍ଦିଷ୍ଟ ଟିକା କିମ୍ବା ଚିକିତ୍ସା ନାହିଁ, ଯାହାଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ଅଧିକ କଷ୍ଟକର ହୋଇପଡ଼ିଛି। ଏହି ଭାଇରସ ପ୍ରଥମେ ୨୦୦୭ ମସିହାରେ ଉଗାଣ୍ଡାର ବୁଣ୍ଡିବୁଗ୍ୟୋ ଅଞ୍ଚଳରେ ଚିହ୍ନଟ ହୋଇଥିଲା।

# ଗୁଜରାଟ ଉପକୂଳରୁ ୧୦୦୦ କୋଟିର କୋକେନ୍ ଜବତ

ନୂଆଦିଲ୍ଲୀ,୨୭।୫: ଭାରତୀୟ ତଟରକ୍ଷୀ ବାହିନୀ ଓ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ମୁନ୍ଦ୍ରା ଉପକୂଳରେ ଏକ ମିଳିତ ଅଭିଯାନ ସମୟରେ ପ୍ରାୟ ୧୧୫୦ କୋଟି ଟଙ୍କାର ୧୧୫ କିଲୋଗ୍ରାମ ଓଜନର କୋକେନ୍ ଜବତ କରିଥିବା ଅଧିକାରୀ କହିଛନ୍ତି। ସାମୁଦ୍ରିକ ପଥ ଦେଇ ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଗୁଇନ୍ଦା ସୂଚନା ପାଇ ଏଟିଏସ୍ ଗୁଜରାଟ ପକ୍ଷରୁ ମେ ୨୫ ଓ ୨୬ ତାରିଖ ମଧ୍ୟରାତ୍ରିରେ ମିଳିତ ଅପରେସନ କରାଯାଇଥିଲା। ପାକିସ୍ତାନର ପୋର୍ଟ କାସିମ ଅଞ୍ଚଳରୁ ଆସିଥିବା ଏକ ୟୁରୋପୀୟ ଜାହାଜ ଉପରେ ସୁରକ୍ଷା ଏଜେନ୍ସି ଚଢ଼ଉ କରିଥିଲେ। କୋକେନ୍ ଜବତ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। କୋକେନ୍ ଚାଲାଣ ମାର୍ଗ, ଲଜିଷ୍ଟିକ୍ ଚେନ୍ ଓ ହ୍ୟାଣ୍ଡଲର୍ସଙ୍କ ସମ୍ପୃକ୍ତିକୁ ନେଇ ଅଧିକ ତଦନ୍ତ ଚାଲିଛି। ପଶ୍ଚିମ ସୀମାରେ ନିକଟ ଅତୀତରେ ଏହା ସବୁଠୁ ବଡ଼ ନାର୍କୋଟିକ୍ ଅପରେସନ ମଧ୍ୟରୁ ଗୋଟିଏ ବୋଲି ଜଣାପଡ଼ିଛି। ଗତ ଏକ ସପ୍ତାହ ଭିତରେ ଏହା ତୃତୀୟ ବଡ଼ କୋକେନ୍ ଜବତ ଘଟଣା।

### ସୀମା ସୁରକ୍ଷା ସୁଦୃଢ଼ୀକରଣ ସମୀକ୍ଷା ବୈଠକରେ ଶାହ

# ସର୍ବୋଚ୍ଚ ସୁରକ୍ଷା ସୁନିଶ୍ଚିତ ଲାଗି ପ୍ରତିଶ୍ରୁତିବଦ୍ଧ

ନୂଆଦିଲ୍ଲୀ,୨୭।୫(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରାଜସ୍ଥାନର ବିକାନେରରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ଭାରତ-ପାକିସ୍ତାନ (ଆଇ.ପି.ବି.) ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ସହ ଜଡ଼ିତ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ବ୍ୟାପକ ଆକଳନ କରାଯାଇଥିଲା। ଏହି ବୈଠକରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ୫ଟି ସୀମାନ୍ତ ଜିଲ୍ଲା-ବିକାନେର, ଜୈସଲମେର, ବାରମେର, ଶ୍ରୀ ଗଙ୍ଗାନଗର, ଫଲୋଦିର ପୋଲିସ ଅଧୀକ୍ଷକମାନେ ଯୋଗ ଦେଇଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କ ଅଧିକ ସମନ୍ୱୟ ସହିତ ବର୍ଦ୍ଧିତ ଏବଂ ବ୍ୟାପକ ସୀମା ପରିଚାଳନା ଉପରେ ଧ୍ୟାନ ଦିଆଯାଇଥିଲା। ଏହି ବୈଠକରେ ପ୍ରତ୍ୟେକ ସୀମାନ୍ତ




ଜିଲ୍ଲା ପାଇଁ ୩୬୦ ଡିଗ୍ରୀ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମନ୍ୱିତ ଆଭିମୁଖ୍ୟ ବ୍ୟାପକ ଏବଂ ସୁଦୃଢ଼ ସୀମା ପରିଚାଳନା ସୁନିଶ୍ଚିତ କରିବା ଲାଗି ସ୍ଥାନୀୟ ନାଗରିକ, ରାଜ୍ୟ ସରକାରଙ୍କ ଯନ୍ତ୍ରପାତି ଏବଂ ସମସ୍ତ ସମ୍ପୃକ୍ତ ସୁରକ୍ଷା ସଂସ୍ଥାଗୁଡ଼ିକୁ ସକ୍ରିୟ ଭାବେ ସାମିଲ କରିବ। ଶ୍ରୀ ଶାହ ବେଆଇନ ନିର୍ମାଣ, ବିଶେଷ କରି ଅନ୍ତର୍ଜାତୀୟ ସୀମାର ଶୂନରୁ ୧୫ କିଲୋମିଟର ମଧ୍ୟରେ, ବିରୋଧରେ ଶୂନ୍ୟ-ସହନଶୀଳତା ନୀତି କଠୋର ଭାବେ ଲାଗୁ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି ସମସ୍ତ ଅନଧିକୃତ ନିର୍ମାଣକୁ ଭାଙ୍ଗିବା ପାଇଁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ ସୀମା ସୁରକ୍ଷା ବଳ (ବି. ଏସ୍. ଏଫ୍.), କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସି. ବି. ଡି. ଟି.), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍. ସି. ବି.) ଏବଂ ରାଜ୍ୟ ସରକାରଙ୍କ ଯନ୍ତ୍ରପାତି ସହିତ ସମନ୍ୱିତ ସୀମା ପରିଚାଳନା ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଦ୍ୱାରା ଅନୁପ୍ରବେଶ, ନିଶାଦ୍ରବ୍ୟ ଚୋରାଚାଲାଣ, ଜବରଦଖଲ, ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ଏବଂ ସୀମାପାର ଅପରାଧଗୁଡ଼ିକର ପ୍ରଭାବଶାଳୀ ମୁକାବିଲା କରାଯାଇପାରିବ। କେନ୍ଦ୍ର ଗୃହମନ୍ତ୍ରୀ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ସମସ୍ତ ବ୍ୟାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଆଇନଗତ ଏବଂ ଆର୍ଥିକ ଅନୁପାଳନ ସୁନିଶ୍ଚିତ କରିବା, ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଯାଞ୍ଚ, ସେମାନଙ୍କ ପାଣ୍ଠି ଉତ୍ସଗୁଡ଼ିକର ଯାଞ୍ଚ, ବେନାମୀ ଆକାଉଣ୍ଟ ଏବଂ ନକଲି କମ୍ପାନୀଗୁଡ଼ିକର ଟ୍ରାକିଂ, ନକଲି ଆଧାର କାର୍ଡ ଚିହ୍ନଟ ଏବଂ ଚୋରାଚାଲାଣ ରୋକିବା ଭଳି ବର୍ଦ୍ଧିତ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାକେଶ ଦଳେଇ ହତ୍ୟାକାଣ୍ଡ ଘଟଣା: ଫେରାର ଅଭିଯୁକ୍ତ ଗିରଫ



ଜଟଣୀ(ନିପ୍ର): ଗତ ୨୦୨୫ ମସିହା ବହୁ ଚର୍ଚ୍ଚିତ ରାକେଶ ଦଳେଇ ଓରଫ ମାନସ ହତ୍ୟାକାଣ୍ଡ ଘଟଣାରେ ଅଭିଯୋଗକାରୀ ବାବୁ ସିଂହ ଦେଓଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନା ପୁଲିସ ଫେରାର ଥିବା ସଂଜୀବ ବାଘ ସିଂହ (୪୩) ଓରଫ ହରିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ମୃତ ମାନସ ଦଳାଇ ଜଟଣୀ ଥାନା ଅନ୍ତଗତ ବଡ଼ନୁଆଗାଁ ବାସିନ୍ଦା ଏବଂ ସମ୍ପର୍କରେ ଅଭିଯୋଗକାରୀଙ୍କ ଭିଣୋଇ । ଗତ ତା.୦୩.୦୪.୨୦୨୫ ରିଖ ବିଳମ୍ବିତ ରାତି ୧.୨୦ ରୁ ୧.୩୦ ମଧ୍ୟରେ ନିକଟକୁ କୌଣସି ଏକ ନମ୍ବରରୁ କଲ ଆସିବା ପରେ ସେ ଷଣ୍ଢପୁର ଅଭିମୁଖେ ଯାଉଥିବା କହି ଘରୁ ବାହାରି ଯାଇଥିଲେ । ଭିଣୋଇ ମାନସଙ୍କ କଥାରେ ସନ୍ଦେହ ପ୍ରକାଶ କରି ଅଭିଯୋଗକାରୀ ତାଙ୍କ ପଛେପଛେ ଯାଇଥିଲେ । ଘଟଣା ସ୍ଥଳରେ ପହଞ୍ଚିବା କ୍ଷଣି ତାଙ୍କ ଭିଣୋଇଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ । ଅଭିଯୋଗକାରୀଙ୍କୁ ଦେଖି ଅଭିଯୁକ୍ତ ମାନେ କାର ଏବଂ ମୋଟରସାଇକେଲ ଯୋଗେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ । ଗୁରୁତର ଆହତ ମାନସଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଏମ୍ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗକାରୀ ଜଟଣୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ତିନିଜଣ ଅଭିଯୁକ୍ତଙ୍କୁ ଗତ ତା.୦୬.୦୪.୨୦୨୫, ତା. ୧୧.୦୪. ୨୦୨୫ ଏବଂ ତା.୦୭.୦୫.୨୦୨୫ ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଘଟଣାରେ ବ୍ୟବହୃତ ମାରଣାସ୍ତ୍ର, ଗାଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ସବୁକୁ ଜବତ କରିଥିଲେ । ଏହି ମାମଲାର ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିବା ବେଳେ, ପୁଲିସ ଆଜି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିଆରେ ହରିଆଙ୍କୁ ଉପରବସ୍ତ ସ୍ଥିତ ତାଙ୍କ ଘର ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଜଟଣୀ ଥନରେ ୨ ଗୋଟି ଅପରାଧିକ ମାମଲା ରହିଥିବା ନେଇ ପୁଲିସ ଜାଣିବାକୁ ପାଇଛି ।

## ବାନ୍ଧବୀଙ୍କ ମୋବାଇଲ ଛିନ୍‌ତାଇ

ଭୁବନେଶ୍ୱର(ନିପ୍ର): ବାନ୍ଧବୀଙ୍କ ମୋବାଇଲ ଛିନତାଇ କରିବା ଏବଂ ପରବର୍ତ୍ତୀ ସମୟରେ ଏଥିଲାଗି ଟଙ୍କା ?ନବା ପରେ ମଧ୍ୟ ସମ୍ପୃକ୍ତ ଯୁବତୀଙ୍କୁ ହଇରାଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ?ପାଲିସ ବୁଧବାର ଜଣଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ସୁରଜ ଶର୍ମା ଓ ତାଙ୍କ ଘର କଳିଙ୍ଗନଗରର କେ-୮ରେ ବୋଲି ଜଣାପଡିଛି । ଏନେଇ ଯୁବତୀଙ୍କ ମା' କଳ୍ପନା ବେହେରା ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ଝିଅ ଏବଂ ଅଭିଯୁକ୍ତ ସୂରଜ ଶର୍ମାଙ୍କ ମଧ୍ୟରେ ବନ୍ଧୁତା ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିଯୁକ୍ତଙ୍କ ସହ ବନ୍ଧୁତା କାଟି ଦେଇଥିଲେ । ଏଥିଯୋଗୁଁ ଅଭିଯୁକ୍ତ ସୁରଜ ଶର୍ମା ତାଙ୍କ ଝିଅର ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ । ଯେତେବେଳେ ତାଙ୍କ ଝିଅ ଅଭିଯୁକ୍ତଙ୍କୁ ମୋବାଇଲ୍ ଫୋନ୍ ଫେରସ୍ତ କରିବାକୁ ଅନୁରୋଧ କରିଥିଲେ, ସୁରୁଜ ଶର୍ମା ଏହାକୁ ଫେରାଇବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ । ଅଭିଯୁକ୍ତଙ୍କ ଦାବୀ ଅନୁଯାଇ ସେମାନେ ତାଙ୍କୁ ୧୦ ହାଜର ଟଙ୍କା ଦେଇଥିଲେ, ଏବଂ ପରେ ସେ ତାଙ୍କ ନମ୍ବର ବ୍ଲକ୍ କରିଦେଇଥିଲେ । ଏହା ପରେ ମଧ୍ୟ ଅଭିଯୁକ୍ତ ସୁରଜ ଶର୍ମା ଅଭିଯୋଗକାରିଣୀଙ୍କୁ ଫୋନ୍ କରି କହିଥିଲେ ଯେ ଯଦି ତାଙ୍କ ଝିଅ ତାଙ୍କ କଥା ମଣିବେ, ତେବେ ସେ ତାଙ୍କ ମୋବାଇଲ୍ ଫୋନ୍ ଫେରାଇ ଦେବେ । ଝିଅ ତାଙ୍କ କଥା ମାନିବାକୁ ମନା କରିବାରୁ, ସେ ତାଙ୍କୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ ।

### ମହିଳାଙ୍କ ଆତ୍ମହତ୍ୟା ମାମଲା

# ମୃତ୍ୟୁ ଲାଗି ବାଧ କରି ସ୍ୱାମୀ ଗିରଫ

ଭୁବନେଶ୍ୱର(ନିପ୍ର): ପାହଳ ଥାନା ଅନ୍ତର୍ଗତ ବିଷ୍ଣୁ ବିହାରର ଲେନ୍? ୩ରେ ରହୁଥିବା ବି.କେ ମନୀଷା ନାମକ ଜଣେ ମହିଳା ଗତ ୨୬ ତାରିଖ ଦିନ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିଲେ । ଏହି ମାମଲାରେ ପତ୍ନୀଙ୍କୁ ହତ୍ୟା କରିବାକୁ ପ୍ରବର୍ତ୍ତାଇବା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ସୂର୍ଯ୍ୟ କୁମାର ଜନାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ମୃତାଙ୍କ ବାପା ବିଜୟ କୁମାର ?ଜନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମୃତକ ବି. କେ ମନୀଷା ୨୦୧୪ ମସିହାରୁ ଭୁବନେଶ୍ୱରରେ ରହୁଥିଲେ । ୨୦୨୪ ମସିହା ନଭେମ୍ବର ୨୬ ତାରିଖରେ ମୃତକ ଏବଂ ଅଭିଯୁକ୍ତ ସୂର୍ଯ୍ୟନାରାୟଣ ଜେନା ପ୍ରଥମେ କଟକର ବିଏନସନ୍ ରେଷ୍ଟୁରାଣ୍ଟରେ ସାକ୍ଷାତ କରିଥିଲେ । ପରେ, ସେମାନଙ୍କ ମଧ୍ୟରେ ବନ୍ଧୁତା ଗଢ଼ି ଉଠିଥିଲା ଏବଂ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ, ଉଭୟ ପରିବାର ବିବାହରେ ରାଜି ହୋଇନଥିଲେ । ଫଳସ୍ୱରୂପ, ସେମାନେ ଜାନୁଆରୀ ୨୦୨୫ ମସିହାରେ ସୂର୍ଯ୍ୟନାରାୟଣଙ୍କ ଭଉଣୀ ଏବଂ ମୃତକଙ୍କ କିଛି ବନ୍ଧୁଙ୍କ ଉପସ୍ଥିତିରେ କଟକ, ମଙ୍ଗୁଳିର ବିରୁପାକ୍ଷ ମନ୍ଦିରରେ ବିବାହ କରିଥିଲେ । ବିବାହ ପରେ, ଉଭୟ ନିଜ ନିଜ ପରିବାରଠାରୁ ପୃଥକ ଭାବରେ ରହିବା ଆରମ୍ଭ କରିଥିଲେ । ପ୍ରାରମ୍ଭରେ, ମୃତକ ଶିବଶକ୍ତି ନଗରରେ ଏକ ଭଡା ଘରେ ରହୁଥିଲେ, ଏବଂ ପରେ ସେମାନେ ମାର୍ଚ୍ଚ ମାସରେ ଲେନ୍ ନମ୍ବର-୩ ର ବିଷ୍ଣୁ ବିହାରକୁ ସ୍ଥାନାନ୍ତରିତ ହୋଇଥିଲେ । ମୃତ ମହିଳା ନ୍ୟୁ ମାରିନ୍ ହୋଟେଲରେ ଏଚଆର ମ୍ୟାନେଜର ଭାବରେ କାମ କରୁଥିଲେ, କିନ୍ତୁ ପ୍ରାୟ ଆଠ ମାସ ପୂର୍ବରୁ ସେ ଚାକିରି ହରାଇଥିଲେ ଏବଂ ତାଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିଲା । ଗତ ୨୦୨୬ ମସିହା ମେ ୨୪ ତାରିଖରେ ତାଙ୍କ ସ୍ୱାମୀ ସୂର୍ଯ୍ୟନାରାୟଣ ଜେନାଙ୍କ ଅନୁପସ୍ଥିତିରେ, ମୃତ ମହିଳା ବାହାରକୁ ଯାଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ । ଅଭିଯୁକ୍ତ ସ୍ୱାମୀ ଏହି ଘଟଣା ବିଷୟରେ ଜାଣିବା ପରେ, ସେମାନଙ୍କ ମଧ୍ୟରେ ଏକ ଭୟଙ୍କର ଝଗଡ଼ା ହୋଇଥିଲା । ପୁଣି, ୨୫ ତାରିଖ ସକାଳ ପ୍ରାୟ ୮ଟା ସମୟରେ, ଅଭିଯୁକ୍ତ ସୂର୍ଯ୍ୟନାରାୟଣ ଜେନା ଆପାର୍ଟମେଣ୍ଟକୁ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରେ ପୁନର୍ବାର ଝଗଡ଼ା ଆରମ୍ଭ ହୋଇଥିଲା । ଝଗଡ଼ା ସମୟରେ, ତାଙ୍କୁ ଛାଡି ନଯିବା ଲାଗି ମନୀଷା ଅଭିଯୁକ୍ତଙ୍କୁ କହିଥିଲେ । କିନ୍ତୁ ପ୍ରତି ଉତ୍ତରରେ ଅଭିଯୁକ୍ତ ଅଭିଯୁକ୍ତା କହିଥିଲେ, "ଯଦି ତୁମେ ମରିବାକୁ ଚାହୁଁଛ, ତେବେ ମରିଯାଅ, ଏ ବିଷୟରେ ମୋର କିଛି କହିବାର ନାହିଁ । ଏହା ପରେ, ପ୍ରାୟ ୧୦ଟା ସମୟରେ, ସୂର୍ଯ୍ୟନାରାୟଣ ତାଙ୍କ କାମକୁ ଚାଲିଗଲେ । ପରେ, ଯେତେବେଳେ ସେ ମୃତକଙ୍କୁ ଫୋନ୍ କରି ମେସେଜ୍ କଲେ ଏବଂ କୌଣସି ଉତ୍ତର ନ ପାଇଲେ, ସେ ସନ୍ଧ୍ୟା ପ୍ରାୟ ୬ ଟାରେ ଆପାର୍ଟମେଣ୍ଟକୁ ଫେରି ଆସିଲେ ଏବଂ ମୁଖ୍ୟ ଦ୍ୱାର ଭିତରୁ ବନ୍ଦ ଥିବା ଦେଖିଲେ । ତା'ପରେ ସେ ପୋଲିସକୁ ସୂଚନା ଦେଇଥଲେ । ପୋଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ସୂର୍ଯ୍ୟନାରାୟଣ ଜେନାଙ୍କୁ ଗିରଫ କରିଥିବା ବେଳେ, ସେ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି ।

## ଅଟୋମୋବାଇଲ ସଂସ୍ଥାରୁ ଚୋରି, କର୍ମଚାରୀ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଅଟୋମୋବାଇଲ ସଂସ୍ଥାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ସନ୍ଦୀପ ପଟ୍ଟନାୟକ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ଏନେଇ ପ୍ରଦୀପ ଅଗ୍ରୱାଲ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ପ୍ରଦୀପ ଅଗ୍ରୱାଲ ଭରତପୁରରେ ଅବସ୍ଥିତ ଜେଏମଜି ଅଟୋମୋବାଇଲ୍ସର ପରିଚାଳନା ପାର୍ଟନର । ଅଭିଯୁକ୍ତ ସନ୍ଦୀପ ପଟ୍ଟନାୟକ ସେଠାରେ ୱାର୍କସପ ସୁପରଭାଇଜର ଏବଂ ସ୍ପ ?ୟାର ପାର୍ଟସ୍ ତଥା ଆସେସୋରିଜ୍ ?ର ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟ କରୁଥିଲେ । ଅଭିଯୁକ୍ତ ଜଣକ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ମୋଟ ୨ଲକ୍ଷ ୫୮ ହଜାର ୯ଶହ ୯୩ଟଙ୍କା ମୂଲ୍ୟର ବିଭିନ୍ନ ଯନ୍ତ୍ରାଂଶ ଚୋରି କରିଥିଲେ । ଯେତେବେଳେ ଅଭିଯୋଗକାରୀ ଏନେଇ ଅଭିଯୁକ୍ତଙ୍କୁ ପଚରାଉଚରା କଲେ, ଗତ ମାର୍ଚ୍ଚ ୧୫ ତାରିଖ ଠାରୁ ସେ ସମ୍ପୂର୍ଣ୍ଣ ରୂପେ ଫେରାର୍ ହୋଇଯାଇଥିଲେ ଏବଂ ବାରମ୍ବାର ଯୋଗାଯୋଗ କରାଯିବା ସତ୍ତ୍ୱେ ମଧ୍ୟ ହଜାର ହୋଇନଥିଲେ କି ସେ ସମ୍ବନ୍ଧୀୟ କୌଣସି ବିସ୍ତୃତ ଟିପ୍ପଣୀ ଦେଇନଥିଲେ କିମ୍ବା ଷ୍ଟକ୍ ରେକର୍ଡ କି କୌଣସି ରେଜିଷ୍ଟର ମଧ୍ୟ ହସ୍ତାନ୍ତର କରିନଥିଲେ । ଏନେଇ ଅଭିଯୋଗକାରୀ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ସନ୍ଦୀପ ପଟ୍ଟନାୟକଙ୍କୁ ଗିରଫ କରିଥିଲେ ।

## ସିକ୍ୟୁରିଟି ସଂସ୍ଥା ବ୍ୟାରେକରୁ ମୋବାଇଲ ଚୋରି

ଭୁବନେଶ୍ୱର(ନିପ୍ର): ସିକ୍ୟୁରିଟି ସଂସ୍ଥା ବ୍ୟାରେକରୁ ମୋବାଇଲ ?ଫାନ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ?ପାଲିସ ବୁଧବାର ଜଣେ ଚୋରକୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ପ୍ରଦୀପ କୁମାର ଜେନା (୨୯) ଓ ତାଙ୍କ ଘର କେନ୍ଦୁଝର ଜିଲ୍ଲା ଘଷିପୁରାରେ ବୋଲି ଜଣାପଡିଛି । ଏନେଇ ସୁଶୀଲ କୁମାର ହାଁସଦା ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସୁଶୀଲ, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ସ୍ଥିତ 'ଅର୍ବାନ ସିକ୍ୟୁରିଟି ଆଣ୍ଡ କନ୍ସଲଟାନସି ଏଜେନ୍ସି' ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ଗତ ମାର୍ଚ୍ଚ ୧୪ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ପ୍ରଦୀପ ଉକ୍ତ ସଂସ୍ଥାର ବ୍ୟାରାକ ଭିତରୁ ତାଙ୍କ ମୋବାଇଲ ଫୋନ ଚୋରିକରି ନେଇଯାଇଥିଲେ । ପରେ ଏକାଧିକବାର କଲ କରିବାରୁ, ଅଭିଯୁକ୍ତ ପ୍ରଦୀପ ମୋବାଇଲ ଫେରସ୍ତ ନେବା ଲାଗି ଅଭିଯୋଗକାରୀଙ୍କୁ ଭଦ୍ରକ ରେଳ ଷ୍ଟେସନକୁ ଯିବା ପାଇଁ କହିଥିଲେ ଏବଂ ସେଥିପାଇଁ ଟଙ୍କା ଦେବାକୁ ପଡିବ ବୋଲି ମଧ୍ୟ କହିଥିଲେ । ଘଟଣା ଦିନ ରାତିରେ ଅଭିଯୁକ୍ତ ପ୍ରଦୀପ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ମୋବାଇଲ ଫୋନ ମଧ୍ୟ ଚୋରି କରି ନେଇଯାଇଥିଲା । । ଅଭିଯୋଗକାରୀ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ ।

## ମାଆ ଓ ପୁଅଙ୍କୁ ନିର୍ମମ ମାଡ଼ ଘଟଣା ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

କଟକ(ନିପ୍ର): ତାଳଚୁଆ ସାମୁଦ୍ରିକ ଥାନାରେ ପୋଲିସର ବର୍ବରକାଣ୍ଡକୁ ସିପିଡିଆରଏସ ପକ୍ଷରୁ ଦୃଢ ନିନ୍ଦା କରଯାଇଛି । ସାମ୍ପ୍ରତିକ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପୋଲିସ କର୍ମଚାରୀମାନେ ଥାନା ଭିତରେ ମା ଓ ପୁଅକୁ ପ୍ରବଳ ଶାରୀରିକ ନିର୍ଯାତନା ଦେଇଛନ୍ତି ଯାହା ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଛନ୍ତି । ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ଥିବା ପୋଲିସ ନିଜ ଥାନା ଭିତରେ ଅପରାଧୀ ଭଳି ଆଚରଣ କରିବା ଅତ୍ୟନ୍ତ ଚିନ୍ତାଜନକ ଓ ଲଜ୍ଜାଜନକ ବିଷୟ । ପୋଲିସର ଏହି ଧରଣର ଆଚରଣ ଆଇନ, ମାନବାଧିକାର ଏବଂ ସାଧାରଣ ମାନବିକତାର ନଗ୍ନ ଉଲ୍ଲଂଘନ । କୌଣସି ପରିସ୍ଥିତିରେ ବି କାହାରି ଉପରେ ଶାରୀରିକ ହିଂସା କିମ୍ବା ନିର୍ଯାତନା ପ୍ରୟୋଗ କରିବାକୁ ଆଇନ ପୋଲିସକୁ ଅନୁମତି ଦିଏ ନାହିଁ । ଏହି ଘଟଣା ଦର୍ଶାଉଛି ଯେ ପୋଲିସ ଷ୍ଟେସନଗୁଡ଼ିକ ଏବେ ବିପଜ୍ଜନକ ସ୍ଥାନରେ ପରିଣତ ହେଉଛି, ଯେଉଁଠାରେ ସାଧାରଣ ଲୋକ ସୁରକ୍ଷିତ ନୁହନ୍ତି । ସିପିଡିଆରଏସ ପୀଡ଼ିତଙ୍କ ସହ ଦୃଢତ ସଂହତି ଜ୍ଞାପନ କରୁଛି ଏବଂ ସେମାନଙ୍କ ପାଇଁ ତୁରନ୍ତ ନ୍ୟାୟ ଦାବି କରୁଛି । ଏହି ଭୟଙ୍କର ଘଟଣାରେ ଦୋଷୀ ମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାପାଇଁ, ଆମେ ଓଡ଼ିଶା ସରକାର ଏବଂ ଉଚ୍ଚ ପୋଲିସ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ ଦାବି କରୁଛୁ । ଏହି ବର୍ବର ଆକ୍ରମଣରେ ସାମିଲ ଥିବା ପୋଲିସ କର୍ମଚାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯାଉ । ସାରା ରାଜ୍ୟର ଥାନା ଭିତରେ ପୋଲିସ ଯେପରି ବେଆଇନ ହିଂସା ଏବଂ ନିର୍ଯାତନା ବନ୍ଦ କରେ, ତାହା ନିଶ୍ଚିତ କରିବାକୁ ସରକାର ଦୃଢ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡା(ନିପ୍ର): ବୁଧବାର ରାୟଗଡା ଅତିରିକ୍ତ ଜିଲ୍ଲା ଦୌରା ଓ ସେସନ୍ସ ଜଜ୍ ଏକ ହତ୍ୟା ମାମଲାର ଶୁଣାଣି କରି ରାୟରେ ଅଭିଯୁକ୍ତ କୃଷ୍ଣ ମାଝୀଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଆଉ ଅଧିକା ୬ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ଏହି ରାୟ ମାନ୍ୟବର ବିଚାରପତି ସମସ୍ତ ତଥ୍ୟ ପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଶୁଣାଇଛନ୍ତି । ଉକ୍ତ ସଶ୍ରମ କାରାଦଣ୍ଡାଦେଶ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨ ଆଧାରରେ ଶୁଣାଣି କରାଯାଇଥିଲା । ଘଟଣାରୁ ପ୍ରକାଶ ଯେ, ଗତ ତା. ୩୦/୯/୨୦୨୨ରିଖ ରାତ୍ର ୮.୩୦ ସମୟରେ ଚଣାପୁକେଲ ଗ୍ରାମର ଗୋପାଳ ମାଝୀ ଟିକିରି ପୋଲିସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ଗୋପାଳ ମାଝୀ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ, ତାଙ୍କ ଭଉଣୀ ହକ ମାଝୀ କୃଷ୍ଣ ମାଝିଙ୍କୁ ବିବାହ କରିଥିଲେ । ଆଉ ସେ ଚନାପୁକେଲ ଗ୍ରାମର ଥିବା ତାଙ୍କ ଘର ପଡିଶାରେ ରହୁଥିଲେ । ଆଉ ତାଙ୍କ ସାନଭାଇ ସୁବାସ ମାଝୀ ଅନ୍ୟତ୍ର କାର୍ଯ୍ୟରତ । ଭାଇ ସୁବାଷଙ୍କ ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରିଛନ୍ତି । ତେଣୁ ତାଙ୍କ ଝିଅ ମିନି ମାଝୀ ତାଙ୍କ ଘରେ ରହୁଛନ୍ତି । ମିନି ତାଙ୍କ ଘରେ ରହୁଥିବା କଥାକୁ ନେଇ କୃଷ୍ଣ ମାଝୀ ଓ ତାଙ୍କ ସ୍ତ୍ରୀ ହକ ମାଝିଙ୍କ ମଧ୍ୟରେ ସବୁବେଳେ କଳି ଲାଗି ରହୁଥିଲା । ଏହି ଘଟଣାକୁ ନେଇ ୩୦/୯/୨୨ ତାରିଖ ପାହାନ୍ତିଆଁ ୩ ଘଟିକା ସମୟରେ ତାଙ୍କ ସ୍ତ୍ରୀଙ୍କ ସହିତ କଳି ଝଗଡା କରିଥିଲେ । ଏହାପରେ ସେ ଏକ ଟାଙ୍ଗିଆ ବେଣ୍ଟରେ ମିନିର କପାଳକୁ ଆଘାତ କରିଥିଲେ । ଆଉ ତାଙ୍କ ନାକରୁ ରକ୍ତଶ୍ରାବ ହୋଇଥିଲା । ଏହି ସମୟରେ ପାଟିତୁଣ୍ଡ ଶୁଣି ଅଭିଯୋଗକାରୀ ଓ ନିତ୍ୟା ମାଝୀ ନାମକ ବ୍ୟକ୍ତି ଘଟଣା ସ୍ଥଳରେ ପହଞ୍ଚିଥିଲେ । ଏହି ସମୟରେ ହକ ମାଝୀ ଏକ ନଳକୂପ ନିକଟରେ ବସିଥିବା ମିନି ପାଖକୁ ଯାଇ ତା ନାକରୁ ରକ୍ତ ବୋହୁଥିବା ଦେଖିଥିଲେ । ଠିକ ଏହି ସମୟରେ ଅଭିଯୁକ୍ତ କୃଷ୍ଣ ମାଝୀ ଘର ଭିତରୁ ଆଉ ଗୋଟିଏ ଟାଙ୍ଗିଆ ଆଣି ହକ ମାଝୀଙ୍କ ବେକ ପଛପଟେ ଟାଙ୍ଗିଆରେ ଶକ୍ତ ଆଘାତ କରିଥିଲେ । ଘଟଣା ସ୍ଥଳରେ ହକ ମାଝିଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଟିକିରି ଥାନରେ ଏକ ମାମଲା ରଜୁକରି ଟିକିରି ପୋଲିସେ ଧାରା ୩୨୩/୩୦୭/୩୦୨ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରି ମୃତକ ହକ ମାଝିଙ୍କୁ କାଶୀପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହାପରେ ଟିକିରି ପୋଲିସ ଓ ସାଇଣ୍ଟିଫିକ ଟିମ ହତ୍ୟା ଘଟଣାର ଯାଞ୍ଚ ଆରମ୍ଭକରି ଅଭିଯୁକ୍ତ କୃଷ୍ଣ ମାଝୀଙ୍କୁ କୋର୍ଟ ଚାଲାଣ କରିଥିଲେ ।

## ନାବାଳିକା ନିଖୋଜ ଅଭିଯୋଗ

ପିପିଲି(ନିପ୍ର): ପିପିଲି ଥାନା ଅଞ୍ଚଳରେ ଜଣେ ୧୪ ବର୍ଷିଆ ନାବାଳିକା ସାଙ୍ଗ ଘରକୁ ବୁଲିବାକୁ ଘର ଲୋକଙ୍କୁ କହି ନିଖୋଜ ଥିବାନେଇ ପରିବାର ପକ୍ଷରୁ ପିପିଲି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେସ ନଂ-୩୪୧/୨୬ ମାମଲା ଆଗତ କରି ମାମଲାର ତଦନ୍ତ ଦାୟିତ୍ୱ ଥାନା ଏସଆଇ ସୁରମା ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି । ନାବାଳିକା ଜଣକ ଗତ ୨୪ ତାରିଖ ଦିନ ସାଙ୍ଗ ଘରକୁ ଯିବାକୁ ନିଜ ମାଆକୁ କହି ଘରୁ ଯାଇଥିଲା । ଘରକୁ ନାବାଳିକା ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନ ପାଇବା ଯୋଗୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ପୋଲିସ ପକ୍ଷପାତିତା ନେଇ ଥାନା ସମ୍ମାରେ ଧାରଣା

ନିମାପଡ଼ା(ନିପ୍ର): ଏହି ଥାନା ଅନ୍ତର୍ଗତ ଅରିଲୋ ଗ୍ରାମ ଠାକୁରାଣୀଙ୍କ ଜମିରୁ ବେଆଇନ ମାଟି ଉଠାଉ ଥିବା ସାଲବେଗ ଜେନାଙ୍କୁ ଗ୍ରାମ୍ୟ କମିଟି ସଂପାଦକ ପବିତ୍ର ବେହେରା ପ୍ରତିବାଦ କରିବାରୁ ପ୍ରଥମେ କଥା କଟାକଟି ଓ ଆକ୍ରମଣ, ପ୍ରତି ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସାଲବେଗ ଜେନା ଆହତ ହୋଇଥିବାରୁ ପୋଲିସ ତାଙ୍କୁ ଚିକିତ୍ସା ପାଇଁ ପଠାଇ ଗ୍ରାମ କମିଟି ସଂପାଦକ ପବିତ୍ର ବେହେରାଙ୍କୁ ଅଟକ ରଖିଥିଲେ । ଏହାର ପ୍ରତିବାଦରେ ଗ୍ରାମର ୩୦-୪୦ ଜଣ ବ୍ୟକ୍ତି ଥାନାରେ ପହଂଚି ପୋଲିସ ଅନ୍ୟାୟ ଭାବେ ସଂପାଦକଙ୍କୁ ଅଟକ ରଖିଥିବା ନେଇ ଧାରଣା ଦେଇଥିଲେ । ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ଥାନା ଅଧିକାରୀ ପବିତ୍ରଙ୍କୁ ଛାଡ଼ି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# କେଶାଇବାହାଲଠାରେ ବିଜେଡିର ରାସ୍ତାରୋକ

■ ଦରଦାମ ବୃଦ୍ଧି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ପ୍ରତିବାଦ
■ ୨୦ରୁ ଊର୍ଦ୍ଧ୍ୱ ନେତାଙ୍କୁ ଉଠାଇ ନେଲା ପୋଲିସ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକର କେଶାଇବାହାଲଠାରେ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରତିବାଦ କରିବା ସହ ବିଜେଡି ପକ୍ଷରୁ ପୂର୍ବାହ୍ନ ୬ଟାରୁ ରାସ୍ତାରୋକ କରାଯାଇଥିଲା । ଦରଦାମ ବୃଦ୍ଧି, ଡିଜେଲ ପେଟ୍ରୋଲ ଅଭାବ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ନିଟ ପ୍ରଶ୍ନପତ୍ର ଲିକ୍, ପାନୀୟଜଳର ଉତ୍କଟ ସମସ୍ୟା, ସାର ଅଭାବ ଯୋଗୁଁ କୁଚିଣ୍ଡା ଉପଖଣ୍ଡରେ ସମସ୍ୟା ଦେଖାଦେବା ନେଇ ପ୍ରତିବାଦ କରାଯାଇଥିଲା । କୁଚିଣ୍ଡା ବିଧାୟକ ସରକାରଙ୍କ ପାନୀୟଜଳ ମନ୍ତ୍ରୀ ଥିବା ସତ୍ତ୍ୱେ ପାନୀୟଜଳର ଉତ୍କଟ ଅଭାବ ଯୋଗୁଁ ଜନସାଧାରଣ ପାଣି ଟୋପାଏ ପାଇଁ ତ୍ରାହି ତ୍ରାହି ଡାକିଲେଣି । ତେଣୁ ପାନୀୟଜଳ ବିଭାଗ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲାପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲ୍ଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ ଓ ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ରାସ୍ତାରୋକ ଆନ୍ଦୋଳନ ଚାଲିଥିଲା । ହେଲେ ମହୁଲପାଲି ପୋଲିସ ଆନ୍ଦୋଳନ କରୁଥିବା ୨୦ରୁ ଊର୍ଦ୍ଧ୍ୱ ବିଜେଡି ନେତାଙ୍କୁ ମହୁଲପାଲି ଥାନାକୁ ଉଠାଇ ନେଇଥିଲା । ପରେ ସେମାନଙ୍କୁ ଛାଡି ଦେଇଥିଲା । ବିଜେପି ପକ୍ଷରୁ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଚାଲିଛି । ଏକ ଶିକ୍ଷାନୁଷ୍ଠାନରେ ଦଳୀୟ କାର୍ଯ୍ୟକ୍ରମ କରାଯିବା ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲେ ହେଁ କଲେଜ କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ଦଳୀୟ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଲେ ତାର ତଦନ୍ତ ହେବା ଦରକାର ବୋଲି ବିଜେଡି ନେତା କହିଥିଲେ । ଏହାଛଡା ଗଣତାନ୍ତ୍ରିକ ପଦ୍ଧତିରେ ବିଜେଡି ଆନ୍ଦୋଳନ କରୁଥିବା ସମୟରେ ପୋଲିସର ଦମନଲୀଳାକୁ ମଧ୍ୟ ସେ ତୀବ୍ର ନିନ୍ଦା କରିଥିଲେ ।

## ଥ୍ରେସର ମେସିନ ଚୋରି କରି ଯୁବକ ଗିରଫ

ଜଟଣୀ/ଭୁବନେଶ୍ୱର(ନିପ୍ର): ଚାଷ ବିଲରୁ ଥ୍ରେସର ମେସିନ ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ନାମ ରୋହିତ ଜେନା ଓରଫ ବାପି (୩୧) ଓ ତାଙ୍କ ଘର ଜଟଣୀ ବେଲପଡାରେ ବୋଲି ଜଣାପଡିଛି । ଏନେଇ ମଣି ମାର୍ଥା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ମଣି ମାର୍ଥା ସମ୍ପୃକ୍ତ ଥ୍ରେସର୍ ମେସିନର ମାଲିକ ଏବଂ ରାଧୁ ମହାପାତ୍ରଙ୍କୁ ଉକ୍ତ ମେସିନ୍ ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ କରିଥିଲେ । ଗତ ମେ ୨୩ ତାରିଖରେ ରାଧୁ ମହାପାତ୍ର ତାଙ୍କ ଚାଷ ଜମିରେ ଧାନ ଅମଳ ପାଇଁ କିଛି ଶ୍ରମିକଙ୍କ ସହିତ ଥ୍ରେସର୍ ମେସିନ୍ ଚଳାଉଥିଲେ ଏବଂ ବିଳମ୍ବିତ ରାତି ହେତୁ ସେ ଉକ୍ତ ମେସିନ୍ ବନ୍ଦ କରି ଘରକୁ ପଳାଇ ଯାଇଥିଲେ କିନ୍ତୁ ଥ୍ରେସର୍ ମେସିନ ସେହିଠାରେ ରହିଯାଇଥିଲା । ତା ପରଦିନ ଯେତେବେଳେ ରାଧୁ ମହାପାତ୍ର ଚାଷ ଜମିକୁ ଯାଇଥିଲେ, ସେ ଦେଖିଲେ ଯେ ଅଭିଯୁକ୍ତ ରୋହିତ ଜେନା ତାଙ୍କ ବାପା ବୃନ୍ଦାବନ ଜେନାଙ୍କ ସହିତ ତାଙ୍କ ଚାଷ ଜମିରୁ ଥ୍ରେସର ମେସିନ ଚୋରି କରି ନେଇଛନ୍ତି । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି ।



## ପୋଖରୀରେ ବୁଡ଼ି ବାଳିକାର ମୃତ୍ୟୁ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁରୁପାଳ ଗ୍ରାମରେ ଥିବା ଏକ ପୋଖରୀରେ ବୁଡ଼ି ୬ ବର୍ଷ ବୟସ ଏକ ବାଳିକାର ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ୍ୟୁ ହୋଇଥିବା ବାଳିକାଙ୍କ ନାମ ସାଇ ତ୍ରିଷ୍ଣା ଖୁଣ୍ଟିଆ । ଖବର ନେବାରେ ଜଣାଯାଇଛି ଯେ କିଛିଦିନ ଧରି ଅସହ୍ୟ ଗରମ ଲାଗି ରହିଥିବା ବେଳେ ଲୋକମାନେ ନିଜ ଘରୁ ବାହାରକୁ ବାହାରି ପାରୁନାହାନ୍ତି । ଏଭଳି ସ୍ଥିତିରେ ମଙ୍ଗଳବାର ଅପରାହ୍ନ ୪.୩୦ ମିନଟ ସମୟରେ ସାଇ ତ୍ରିଷ୍ଣା ନିଜ ଘରୁ ବାହାରକୁ ବୁଲିବା ପାଇଁ ଆସିଥିଲେ । ଅପରାହ୍ନ ୫ଟା ବେଳକୁ ଗାଁ ପୋଖରୀରେ ଏକ ଶିଶୁ ଭାସୁଥିବାର ଦେଖିବାକୁ ମିଳିଥିଲା । ସଙ୍ଗେ ସଙ୍ଗେ ଶିଶୁକୁ ଉଦ୍ଧାର କରି ଚିଲିକା ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୋଲିସରେ ଏକ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ସମଗ୍ର କୃଷ୍ଣପ୍ରସାଦ ବ୍ଲକରେ ଶୋକ ଖେଳିଯାଇଛି ।

# ଭାପୁର ଅଞ୍ଚଳରୁ ନରକଙ୍କାଳ ଉଦ୍ଧାର





ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଚରାଭୂଇଁ ପାଲଟି ଥିବାବେଳେ ସେମାନେ ବିଭିନ୍ନ ସ୍ଥାନରେ ହତ୍ୟାଜନିତ ଘଟଣା ଘଟେଇ ପ୍ରମାଣ ନଷ୍ଟ କରିବା ପାଇଁ ଫତେଗଡ଼ ଥାନା ଅଞ୍ଚଳକୁ ନିରାପଦ ମଣୁଛନ୍ତି । ହତ୍ୟାକାରୀ ହତ୍ୟାକାଣ୍ଡ ଜନିତ ଘଟଣା ପ୍ରମାଣ ନଷ୍ଟ କରିବା ଯୋଜନାରେ ସଫଳ ହେଲାପରେ ବୁଧବାର ଦିନ ଭାପୁର ଅଞ୍ଚଳରୁ ମନୁଷ୍ୟ ହାଡ଼, କଙ୍କାଳ ଓ ଖପୁରି ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଥିବାବେଳେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖାଦେଇଥିଲା । ନୟାଗଡ଼ ଜିଲ୍ଲାରେ ଏକ ମାସ ମଧ୍ୟରେ ତିନି ତିନୋଟି ହତ୍ୟାକାଣ୍ଡ ଘଟିଥିବାରୁ ଏହି ନରକଙ୍କାଳ ଉଦ୍ଧାର ଜିଲ୍ଲା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମ ନିକଟରେ ଅବସ୍ଥିତ ରାଇବଣି କାଜୁ ଜଙ୍ଗଲ ମଧ୍ୟରେ ସେହି ଗ୍ରାମର କିଛି ଯୁବକ ବୁଧବାର ମନୁଷ୍ୟ ନରକଙ୍କାଳ, ଖପୁରି, ହାଡ଼, ମୁଣ୍ଡ, ଗାମୁଛା ଓ ଛିଟଲୁଗା ପଡିଥିବାର ଦେଖି ଥାନାକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ ଏବଂ ଭାପୁର ଆଉଟ ପୋଷ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ସଦଳବଳେ ପହଞ୍ଚି ନରକଙ୍କାଳକୁ ଜବତ କରିବା ସହିତ ଜିଲ୍ଲା ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲେ । ଲକ୍ଷ୍ମୀଧର କୁମାର ଏବଂ ତାଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଏହା ଏକ ମହିଳାଙ୍କ କଙ୍କାଳ ଏବଂ ତିନିମାସ ମଧ୍ୟରେ ହତ୍ୟାକାଣ୍ଡ ଘଟିଥିବା ଟିମ ସ୍ପଷ୍ଟ କରିଥିଲେ । ଏହି ହତ୍ୟାକାଣ୍ଡ ବାହାରୁ କରାଯାଇ ଏଠାରେ ପ୍ରମାଣ ନଷ୍ଟ କରିବା ପାଇଁ ଫୋପଡ଼ା ଯାଇଛି କି ଘଟଣାସ୍ଥଳରେ ହତ୍ୟା କରାଯାଇଛି, ହତ୍ୟାକାଣ୍ଡ ପ୍ରେମଜନିତ କି ଷଡଯନ୍ତ୍ରଜନିତ ତାହା ଟିମ ସ୍ପଷ୍ଟ କରି ନ ଥିବାବେଳେ ଏହି ଘଟଣା ସ୍ଥାନୀୟ ଅଂଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଜବତ ନରକଙ୍କାଳକୁ ଟିମ ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବାବେଳେ ସେଠାରୁ ପରୀକ୍ଷା ପାଇଁ କଟକସ୍ଥିତ ଏସ.ସି.ବି. ମେଡିକାଲ କଲେଜ ଯିବ ବୋଲି ଫତେଗଡ଼ ଥାନା ସୂତ୍ରରୁ ପ୍ରକାଶ ।

## ଏସ୍‌ପିଙ୍କ ଦ୍ୱାରସ୍ଥ ପରେ ହେଲା ମାମଲା ରୁଜୁ

ପିପିଲି(ନିପ୍ର): ପିପିଲି ଥାନା ଅଞ୍ଚଳର ଜନୈକ ଯୁବକ ପିପିଲି ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇବାରୁ ନିରାଶ ହେବା ପରେ ଏବେ ନ୍ୟାୟ ପାଇଁ ପୁରୀ ଏସପି ପ୍ରତୀକ ସିଂଙ୍କ ନିକଟରେ ହାଜର ହୋଇଛନ୍ତି । ଏସପିଙ୍କ ନିର୍ଦ୍ଦେଶରେ ପିପିଲି ଥାନାରେ ମାମଲା ଆଗତ ହୋଇଛି । ଏହି ମାମଲାରେ ତଦନ୍ତ ଦାୟିତ୍ୱ ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ନେଇ ଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି । ଅଭିଯୋଗ ଆଧାରରୁ ଜଣା ଯାଏ ଯେ ପିପିଲି ଅଠରଭଗା ଗ୍ରାମର ଆଶିଷ କୁମାର ସେଠି (୪୬) ନିଜର ସ୍ଥିତିବାନ ଜମି ଉପରେ ଏକ ପାଣି ପ୍ୟାକ୍ଟ୍ରି ଏବଂ ଲଣ୍ଡ୍ରି କରିବା ନିମନ୍ତେ କାର୍ଯ୍ୟ କରୁଛନ୍ତି । ଅଭିଯୋଗକାରୀ ସେହି ସ୍ଥାନ ରେ ଏକ ନୂତନ ଟ୍ରାନ୍ସଫର୍ମ ବସାଇବା ନିମନ୍ତେ ୧୧କେଭି ସଂଯୋଗ କରିବା ପାଇଁ ଆବଶ୍ୟକ ସରକାରୀ ଅର୍ଥ ଡିପୋଜିଟ କରି ଅନୁମତି ପାଇଛନ୍ତି । ଉଦ୍ଦେଶ୍ୟ ମୂଳକ ଭାବେ ଭାରତୀପୁର ପଞ୍ଚାୟତର ସରପଞ୍ଚ ଅଭିଯୋଗକାରୀଙ୍କୁ ଜାଣିଶୁଣି ହଇରାଣ କରିବା, ଅଭିଯୋଗକାରୀଙ୍କ ବିରୋଧରେ ଲୋକଙ୍କୁ ଉସୁକେଇବା, ମିଥ୍ୟା ଈର୍ଷା ଘୃଣା ସୃଷ୍ଟି କରି ଶତ୍ରୁତା କାରି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରୁଛନ୍ତି । ଗାଁ ଲୋକଙ୍କୁ ମାଗଣା ବିଦ୍ୟୁତ ଯୋଗାଇ ଦେବା ସହିତ ୨ ଲକ୍ଷ ଟଙ୍କା ବଟି ଦେଲେ ଇଲେକ୍ଟ୍ରି ଦିଆଯିବ, ନ ହେଲେ ପୂରା ଗାଁ ମଡେଇ ଦେବୁ ନାହିଁ । ଦରକାର ପଡିଲେ ଆନ୍ଦୋଳନ କରିବୁ ବୋଲି ଧମକ ଦେଉଛନ୍ତି । ଅଭିଯୋଗକାରୀ ଦର୍ଶାଇଛନ୍ତି କି ଗତ ଦେଢ଼ ମାସ ତଳେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ମଧ୍ୟ ଦେଢ଼ ଲକ୍ଷ ଟଙ୍କାର ସାରୁ ଫସଲ ନଷ୍ଟ କରିଦେଇଥିଲେ । ଏ ସମ୍ପର୍କରେ ଅଭିଯୋଗକାରି ପିପିଲି ଥାନାରେ ଗତ ତା ୮/୪/୨୬ ରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପିପିଲି ପୋଲିସ ମାମଲା ରୁଜୁ କଲାନାହିଁ । ଯାହା ଫଳରେ ଅଭିଯୋଗକାରୀ ଏସପିଙ୍କ ନିର୍ଦ୍ଦେଶରେ ପିପିଲି ଥାନାରେ ପିପିଲି ଥାନା କେସ ନଂ ୩୪୦/୨୬ ମାମଲା ଆଗତ ହୋଇଛି । ଏନେଇ ଘଟଣା ସମ୍ପର୍କରେ ଭାରତୀପୁର ପଞ୍ଚାୟତ ସରପଞ୍ଚଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।




ଭୁବନେଶ୍ୱର: ବିଶିଷ୍ଟ ଗାଳ୍ପିକା ଶ୍ରୀମତୀ ଇନ୍ଦିରା ଦାଶଙ୍କ 'ନର୍ତ୍ତକୀ' ଓ 'ଶିଶିର କନ୍ୟା' ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିବୃନ୍ଦ (ଫଟୋ-ଦିନଲିପି)

## ଏୟାରଫିଲ୍ଡ ଥାନାରେ ଏନଆଇଏ ଟିମ୍

ଭୁବନେଶ୍ୱର, ୨୭।୫(ନିପ୍ର): ଭୁବନେଶ୍ୱର ଆଜାଦ ନଗରରେ ବୋମା ବିସ୍ଫୋରଣ ମାମଲାରେ ତଦନ୍ତ ପାଇଁ ଏନଆଇଏ ଟିମ୍ ବୁଧବାର ଏୟାରଫିଲ୍ଡ ଥାନାରେ ପହଞ୍ଚିଛି। ଏନଆଇଏ ଟିମ୍ ସେଠାରେ ଜବତ ହେଇଥିବା ସ୍କୁଟିକୁ ଯାଞ୍ଚ କରିଛି। ସ୍କୁଟିରେ ବୋମା ତିଆରି ପାଇଁ କିଛି ସାମଗ୍ରୀ ଆସିଥିଲା। ସ୍କୁଟିରେ ଥିବା ନମୁନାକୁ ଅନୁସନ୍ଧାନ କରୁଛି ଟିମ୍। ଏନଆଇଏ ଟିମ୍ ସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତନାଘନା କରୁଛି।ସୂଚନା ଅନୁଯାୟୀ ଏୟାରଫିଲ୍ଡ ଥାନା ଆଜାଦ ନଗରରେ ଥିବା ଏକ ଘରେ ଜାନୁଆରୀ ୨୭ରେ ବୋମା ବିସ୍ଫୋରଣ ହେଇଥିଲା। ବିସ୍ଫୋରଣରେ କୁଖ୍ୟାତ ଅପରାଧୀ ମଫି ଓ ତାର ମା'ର ମୃତ୍ୟୁ ଘଟିଥିଲା। ବିସ୍ଫୋରଣରେ ମାରାତ୍ମକ ଆରଡିଏକ୍ସ ବ୍ୟବହାର ସନ୍ଧାନ ମିଳିଥିଲା।

# ରାଜ୍ୟ ଯୋଗାସନ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଦଳ ରନର୍ସଅପ

କେନ୍ଦ୍ରାପଡ଼ା, ୨୭/୫(ନିପ୍ର): ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ୭ମ ରାଜ୍ୟ ଯୋଗାସନ ଚାମ୍ପିୟନସିପ୍ ୨୦୨୬-୨୭ ରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରି ସାରା ରାଜ୍ୟରେ ରନର୍ସ ଅପ୍ (ଦ୍ୱିତୀୟ ସ୍ଥାନ) ଅଧିକାର କରିଛି। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାରୁ ମୋଟ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସହ ମୋଟ ୨୪ଟି ପଦକ ଅର୍ଜନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେଥିମଧ୍ୟରୁ ୪ ଜଣ ଖେଳାଳି ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦଳର ସଫଳତାରେ କୋଚ୍ ଭାବେ ପଦ୍ମଲୋଚନ ଦାସ ଏବଂ ମାନସ ରଞ୍ଜନ ଓଝା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାବେଳେ, ଭରତ କୁମାର ସାହୁ ମ୍ୟାନେଜର ଭାବେ ଖେଳାଳିମାନଙ୍କୁ ସହଯୋଗ ଓ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତି ଯୋଗା ଚାମ୍ପିୟାନମାନଙ୍କୁ କେନ୍ଦ୍ରାପଡ଼ା



ଜିଲ୍ଲାପାଳ ରଘୁରାମ ଆର ଆୟର ଆଜି ତାଙ୍କ ଅଫିସ କକ୍ଷରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେ କହିଥିଲେ ଯେ ଏହି ସଫଳତା ଜିଲ୍ଲାର କ୍ରୀଡା ପ୍ରତିଭା ଓ ନିରନ୍ତର ପରିଶ୍ରମର ପ୍ରତିଫଳ ଏବଂ ଏହା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ଯୋଗାସନ ସଂଘର ସଭାପତି ନିରଞ୍ଜନ ବେହେରା, ସମ୍ପାଦକ ସଞ୍ଜୟ କୁମାର ମହାନ୍ତି ଏବଂ ଉପଦେଷ୍ଟା ସ୍ୱପ୍ନାଂଶୁ କୁମାର ଦାସ ଉପସ୍ଥିତ ଥିଲେ।

## ଅନୁପ୍ରବେଶକାରୀଙ୍କୁ ନିସ୍ତାର ନାହିଁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୭/୫(ନିପ୍ର): ବାଂଲା ଅନୁପ୍ରବେଶ ହଟାଇବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି ଓଡ଼ିଶାରୁ ବାଂଲା ଅନୁପ୍ରବେଶ ହଟାଇବାକୁ ସରକାର ପଦକ୍ଷେପ ନେଉଛନ୍ତି। ଅନୁପ୍ରବେଶ ଉପରେ ଓଡ଼ିଶା ସରକାର ସଜାଗ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭାଗ କାମ କରୁଛି ।

## ବିପୁଳ ଗୁଟ୍‌ଖା ଜବତ

ଆସିକା୨୭।୫(ନିପ୍ର):ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକାର ବିଭିନ୍ନ ଦୋକାନରେ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ଗୁଟଖା ଜବତ ହୋଇଛି । ଏହି ଚଢ଼ାଉରେ ଆସିକା ତହସିଲଦାର ସଂଗୀତା ସେଣ,ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ପ୍ରଧାନ,ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ପ୍ରମୁଖ ସାମିଲ ଥିଲେ। ଏହି ଚଢ଼ାଉ ଆସିକା ଲକ୍ଷ୍ମୀବଜ଼ାର, ଅଶୋକା ସିନେମାହଲ ଛକ, ବିଜୁପଟ୍ଟନାୟକ ଛକ ଆସିକା ବସଷ୍ଟାଣ୍ଡର ବିଭିନ୍ନ ଦୋକାନରେ ଚଢ଼ାଉ ହୋଇଥିଲା।

**ପୋଲିସର ମାନବିକତା**

## ବୃଦ୍ଧାଙ୍କ ଶବ ସତ୍କାର କଲେ



**ବାଲେଶ୍ୱର, ୨୭/୫(ନିପ୍ର):** ଭାଇ-ଭାଇ ବିବାଦରୁ ମା'ର ମୃତଦେହକୁ କାନ୍ଧ ଦେଲେନି ଜନ୍ମିତ ପୁଅ । ଦଶ ଘଣ୍ଟା ପରେ ଅନ୍ତିମ ସଂସ୍କାର କଲା ପୋଲିସ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଲୋକନାଥପୁର ଗାଁରେ । ଏହି ଘଟଣା ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ କହିଛନ୍ତି, 'ଭାଇ-ଭାଇ ମଧ୍ୟରେ ବିବାଦ ପାଇଁ ମୃତଦେହ ସତ୍କାର ହୋଇପାରୁନଥିଲା । ବାଧ୍ୟ ହୋଇ ଆମେ ମୃତଦେହ ସତ୍କାର କରିଥିଲୁ ।'

## ବ୍ରାଉନସୁଗର ଜବତ

ପୁରୀ, ୨୭/୫(ନିପ୍ର): ପୁରୀ ଅବକାରୀ ଷ୍ଟେସନ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଜଣେ ଯୁବକକୁ କାବୁ କରିବା ସହ ତା ନିକଟରୁ ୯୦ଗ୍ରାମ ବ୍ରାଉନ ସୁଗର ନୂଆସାହିର ଜବତ ହୋଇଛି। ଗିରଫ ଯୁବକ ହେଲେ କୁମ୍ଭାରପଡ଼ା ଥାନା ଅଧୀନ ତଳ ଓମ ପ୍ରକାଶ ରାଓ । ମଙ୍ଗଳବାର ସକାଳ ୭ଟାରେ ଅବକାରୀ ବିଭାଗ ପକ୍ଷରୁ ପକ୍ଷରୁ ତଳ ନୂଆସାହିରେ ସଦଳବଳ ଚଢ଼ାଉ କରାଯାଇଥିଲା। ଅବକାରୀ କର୍ମଚାରୀ ଓମ ପ୍ରକାଶକୁ ଜବତ କରି କାବୁ କରିବା ସହ ତଲାସି ବେଳେ ତା ନିକଟରୁ ପ୍ରାୟ ୯୦ ଗ୍ରାମ ବ୍ରାଉନ ସୁଗର ଜ ମିଳିଥିଲା । ଜବତ ବ୍ରାଉନ ସୁଗରର ବଜାର ମୂଲ୍ୟ ପ୍ରାୟ ୯ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଓମପ୍ରକାଶକୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରାଯାଇଛି ।

# ରୂପାଲି ପଣ୍ଡାଙ୍କୁ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ

କୁଚିଣ୍ଡା,୨୭/୫(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ସମାଜସେବୀ ରୂପାଲି ପଣ୍ଡାଙ୍କୁ ତାଙ୍କ ସମାଜସେବା ଓ ଯୁବ କାର୍ଯ୍ୟକଳାପ ପାଇଁ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଖୁଣ୍ଟିଆ, ପବିତ୍ର ମୋହନ ସାମନ୍ତରାୟ,ସତ୍ୟବ୍ରତ ନାୟକ ଓ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ ଅତିଥିଭାବେ ଯୋଗଦେଇ ରୂପାଲି ପଣ୍ଡାଙ୍କୁ ମାନପତ୍ର, ସମ୍ମାନ



ସ୍ମାରକ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ରୂପାଲି ଦୀର୍ଘଦିନ ଧରି ଏନଏସଏସ୍ ମାଧ୍ୟମରେ ସମାଜ ପାଇଁ କାମ କରୁଛନ୍ତି। ସେ ମହିଳା ସଶକ୍ତିକରଣ, ଯୁବ ସଚେତନତା, ସ୍ୱଚ୍ଛତା ଅଭିଯାନ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ସବୁବେଳେ ସକ୍ରିୟ ରହୁଛନ୍ତି। ଏହା ପୂର୍ବରୁ ସେ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କର ସ୍ୱୋ ଓ ସଫଳତା ଅନେକ ଯୁବସମାଜଙ୍କୁ ପ୍ରେରଣାଦାୟକ ହୋଇଛି। ଏହି ସମ୍ମାନ ପାଇବା ପରେ ରୂପାଲି ତାଙ୍କ ସଫଳତାର ଶ୍ରେୟ କୁଚିଣ୍ଡା କଲେଜ ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ବେଲମତୀ କୁମୁରା ଓ ତାଙ୍କ ମାତାପିତାଙ୍କୁ ଦେଇଛନ୍ତି।




ଭୁବନେଶ୍ୱର: ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା: ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ (ଫଟୋ-ଦିନଲିପି)

## ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ: ରାଜ୍ୟପାଳ

ଭୁବନେଶ୍ୱର, ୨୭/୫(ନିପ୍ର): ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ ଓ ରାଷ୍ଟ୍ର ନିର୍ମାଣ ଏବଂ ସ୍ଥାୟୀ ବିକାଶ ପାଇଁ ତଥା ସୂଚନା ପ୍ରସାରଣ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ବୁଧବାର ଲୋକଭବନର ଅଭିଷେକ ହଲଠାରେ 'ଯୁବ ସଙ୍ଗମ' ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ ଅବସରରେ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି । 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅଧୀନରେ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ 'ଯୁବ ସଙ୍ଗମର ଷଷ୍ଠ ପର୍ଯ୍ୟାୟ' ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ରାଜ୍ୟପାଳ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ ।

## କାଳବୈଶାଖୀ ବର୍ଷା ଆଣିଲା ଆଶ୍ୱସ୍ତି

**ଭୁବନେଶ୍ୱର, ୨୭/୫(ନିପ୍ର):** ଗ୍ରୀଷ୍ମ ପ୍ରବାହରେ ଲୋକେ ଅତିଷ୍ଠ ଥିବା ବେଳେ ବୁଧବାର ସଂଧ୍ୟାରେ ଦ୍ୱୈତ ମହାନଗରୀ ଭୁବନେଶ୍ୱର ଓ କଟକରେ କାଳବୈଶାଖୀ ବର୍ଷା ତାତିରୁ ସାମାନ୍ୟ ଆଶ୍ୱସ୍ତିତ ଆଣିଛି। ଏଥିସହିତ ରାଉରକେଲା, କଳାହାଣ୍ଡି ଓ ଅନ୍ୟ କେତେକ ଅଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଛି। ଆଠମଲ୍ଲିକରେ କାଳବୈଶାଖୀ



ବର୍ଷାରେ ଗଛପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଆସନ୍ତା ୨୯ରୁ କାଳବୈଶାଖୀ ବର୍ଷା ପୁଣି ହେବା ନେଇ ସତର୍କ କରାଇଛି ପାଣିପାଗ ବିଭାଗ । କଳାହାଣ୍ଡି, ନୂଆପଡା, ଗଞ୍ଜାମ,ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଏହି ୧୪ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ୟେଲୋ ଆଲର୍ଟ ଜାରି। ବଲାଙ୍ଗୀର ଓ ସମ୍ବଲପୁରରେ ଉଷ୍ମ ରାତ୍ରି ପାଇଁ ୟେଲୋ ୱାର୍ଣ୍ଣିଂ ଆଲର୍ଟ ରହିଛି ।

# 'ଅଧିକ ବସ୍‌ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୨୭।୫(ନିପ୍ର): ଧାର୍ଯ୍ୟ ଦର ଠାରୁ ଅଧିକ ବସ୍ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି ତେଲ ଦର ବୃଦ୍ଧି ପରେ ବିଭିନ୍ନ ସ୍ଥାନରେ ବସ୍ ଭଡ଼ା ଅଧିକ ନେଉଥିବା ଅଭିଯୋଗ ଆସିଛି। ତେଲ ଦର ବୃଦ୍ଧି ଯୋଗୁଁ ବସ୍ ଭଡ଼ା ୨ ପ୍ରତିଶତ ବଢ଼ିଥିଲା । କିନ୍ତୁ ବିଭିନ୍ନ ସ୍ଥାନରୁ ଅଧିକ ଭଡ଼ା ନେଉଥିବା ଅଭିଯୋଗ ଆସୁଛି । ବିଭାଗ ଏହା ଉପରେ ନଜର ରଖି ଯାଞ୍ଚ କରୁଛି। ଲୋକମାନେ ଅଧିକ ନ ଦେଇ ସଠିକ୍ ଭଡ଼ା ଦେଇ ଯାତ୍ରା କରିବାକୁ ପରିବହନ ମନ୍ତ୍ରୀ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।

## ଭିଜିଲାନ୍ସ ଜାଲରେ ଚମ୍ପୁଆ ଯୋଗାଣ ଅଧିକାରୀ

*ଧାନକିଣା ପଛରେ ଦୁର୍ନୀତିର ଗନ୍ଧ*

ଚମ୍ପୁଆ, ୨୭।୫(ନିପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡରେ ଏକ ବଡ଼ଧରଣର ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ଧାନ କିଣା କାରବାରରେ ପିସି (ଲାଞ୍ଚ) ନେବା ବେଳେ ଚମ୍ପୁଆ ଉପଖଣ୍ଡ ଯୋଗାଣ ଅଧିକାରୀ ଧୂମାରାମ ମୁର୍ମୁଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍। ବୁଧବାର ଚମ୍ପୁଆ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଭୂଇଁପୁର ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ହିରାମୋହନ ନାଏକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡ଼ି ବସିଥିଲା।ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ଜୋର୍ ଧରିଛି। ଏହି ଗିରଫଦାରି ପରେ ଚାଷୀମାନଙ୍କ ମଧ୍ୟରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ବିଜ୍ଞାପନ ପ୍ରତ୍ୟାହୃତ

ଭୁବନେଶ୍ୱର,୨୭।୫(ନିପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ନେଇ ପ୍ରକାଶିତ ବିଜ୍ଞାପନ ପ୍ରତ୍ୟାହାର ହୋଇଛି। ବିଜ୍ଞାପନ ପ୍ରତ୍ୟାହାର ନେଇ ଓପିଏସସି ନୋଟିସ୍ ଜାରି କରିଛି। ଯେଉଁମାନେ ଆବେଦନ କରିଥିଲେ ତାହା ମଧ୍ୟ ରଦ୍ଦ ହୋଇଛି। ସେହିପରି ଆବେଦନକାରୀଙ୍କଠାରୁ ନିଆଯାଇଥିବା ପରୀକ୍ଷା ଫି' ୨୦ ଦିନ ମଧ୍ୟରେ ଫେରାଇ ଦିଆଯିବ ବୋଲି କହିଛି ଓପିଏସସି। ଗତ ୧୯ ତାରିଖରେ ଡେଣ୍ଟାଲ ସର୍ଜନ ନିଯୁକ୍ତି ନେଇ ବିଜ୍ଞପ୍ତି ଜାରି ହୋଇଥିଲା।

## ୭୬୬୪ ପଦବୀ ପାଇଁ ପରୀକ୍ଷା କରିବ ୟୁୟୁଏସଏସଏସସି

**ଭୁବନେଶ୍ୱର, ୨୭।୫(ନିପ୍ର):** ଓଡ଼ିଶା ପୋଲିସ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୭୬୬୪ଟି କନଷ୍ଟେବଲ ଏବଂ ଏସଆଇ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ କରିଛି। ଏପର୍ଯ୍ୟନ୍ତ କେବଳ ଖାଲି ପଦବୀ ସଂଖ୍ୟା ଘୋଷଣା କରାଯାଇଛି । ଓଡିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା ପ୍ରକାଶିତ ସଂକ୍ଷିପ୍ତ ବିଜ୍ଞପ୍ତି ଅନୁଯାୟୀ, କନଷ୍ଟେବଲ (ଯୋଗାଯୋଗ), ଓଆଇଏସଏଫ କନଷ୍ଟେବଲ, ସିଭିଲ କନଷ୍ଟେବଲ, ସବ ଇନ୍ସପେକ୍ଟର ଏବଂ ପ୍ରାସଙ୍ଗିକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବା ପାଇଁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ୟୁୟୁଏସଏସଏସସି) ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

## ମିକ୍ସଚର ମେସିନ ଓଲଟି ୨ ମୃତ

କେନ୍ଦ୍ରାପଡ଼ା,୨୭/୫(ନିପ୍ର): ରାଜନଗର ବ୍ଲକ ଅନ୍ତର୍ଗତ ଡେରା ପଞ୍ଚାୟତର ଗୋଖଣୀ ଗ୍ରାମ ନିକଟରେ ଏକ ପିକଅପ୍ ଗାଡ଼ି ମିକ୍ସର ମେସିନ ସହ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଥିଲା । ଏହି ଘଟଣା ଦେଖି ତୁରନ୍ତ ପୋଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଆମ୍ବୁଲାନ୍ସକୁ ସୂଚନା ଦିଆ ଯାଏଯାଇଥିଲା ଓ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ରାଜନଗର ମେଡିକାଲ ପଠାଯାଇଥିଲା। କିନ୍ତୁ ବଡ଼ ଦୁଃଖର ବିଷୟ ଦୁର୍ଘଟଣା ଏତେ ଭୟଙ୍କର ଥିଲାଯେ ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ଦୁଇଜଣ ମୂଲ୍ୟବାନ ଜୀବନକୁ ବଞ୍ଚାଇ ଡାକ୍ତର ବଞ୍ଚାଇ ପାରିନଥିଲେ।

## ଖୋର୍ଦ୍ଧାରୋଡ଼ ଷ୍ଟେସନରୁ ଗଞ୍ଜେଇ ସହ ଆସାମୀ ଗିରଫ

ଜଟଣୀ, ୨୭/୫(ନିପ୍ର): ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନରେ ଚୋରା ଗଞ୍ଜେଇ ଟ୍ରେନ ଯୋଗେ ନେଇ ବିହାର ରାଜ୍ୟର ବକ୍ସର ଜିଲ୍ଲାକୁ ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ନୀତେଶ କୁମାର ପାଣ୍ଡେ (୩୦) ନାମକ ଜଣେ ଯୁବକଙ୍କୁ ଖୋର୍ଦ୍ଧାରୋଡ଼ ଜିଆରପି ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଜବତ ଗଞ୍ଜେଇର ଓଜନ ୧୩ କିଲୋ ୭୫୦ ବୋଲି ଜିଆରପି ପକ୍ଷରୁ କୁହାଯାଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Ranpur, Dist-Nayagarh Dtd.19.05.2026, I Biswaranjan Behera, S/o- Alekha Behera, At-Muktapur , Po-Kerendatangi, Ps-Chandpur, Dist-Nayagarh, Pin-752024 here with declare that I have changed my Minor Sons name Girijanandan to Swayam Sanket Yadab ,S/o- Biswaranjan Behera , At-Muktapur , Po-Kerendatangi, Ps-Chandpur, Dist-Nayagarh, Pin-752024 . Hence-forth She shall be known as Swayam Sanket Yadab for all purposes.

# ରଥଯାତ୍ରା ପୂର୍ବରୁ ଶେଷ ହେବ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ

**ପୁରୀ, ୨୭/୫(ନିପ୍ର):** ରଥଯାତ୍ରା ପୂର୍ବରୁ ଶେଷ ହେବ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। ନୀଳାଦ୍ରି ବିଜେ ପରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଅନୁଯାୟୀ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲାଯିବ। ତେବେ ସେନେଇ ବିଭିନ୍ନ ପ୍ରକାରର ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଗୁଣ୍ଡିଚା ମନ୍ଦିର ଯାଇ ସମସ୍ତ ମରାମତି କାର୍ଯ୍ୟ ଏବଂ ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ପୂର୍ବରୁ ଗୁଣ୍ଡିଚା ମନ୍ଦିରର ସମ୍ମୁଖ ଭାଗ ଏବଂ ଶରଧାବାଲି ଅଞ୍ଚଳରେ ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ସୂଚନା କେନ୍ଦ୍ର, ଅଭ୍ୟର୍ଥନା କେନ୍ଦ୍ର, ଲ୍ୟାଣ୍ଡ ସ୍କେପିଙ୍ଗ, ଆଲୋକୀକରଣ ଆଦି କାର୍ଯ୍ୟ କରାଯାଇଥିବା ବେଳେ ବାକିଥିବା ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱର ମଧ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ସେହିପରି ଗୁଣ୍ଡିଚା ମନ୍ଦିର ଭିତରେ ରୋଷ ଶାଳାର ମରାମତି ସହ ନାଟମଣ୍ଡପର ମରାମତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଆଗାମୀ ଦିନରେ



ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯିବ। ଗୁଣ୍ଡିଚା ମନ୍ଦିର ଭିତରେ ଏକ ସୁନ୍ଦର ଉଦ୍ୟାନ କରାଯାଉଥିବା ବେଳେ ଭକ୍ତଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା, ରାମ୍ପ, ସିସିଟିଭି ସମେତ ସମସ୍ତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ସେପଟେ ରଥଯାତ୍ରା ୟୁନେସ୍କୋ ମାନ୍ୟତା ମିଳିବାର ବିଳମ୍ବ ହେବା ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ପୁରୀ ରଥଯାତ୍ରାକୁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ତେବେ ଇତିମଧ୍ୟରେ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ରଥଯାତ୍ରା ସମ୍ପର୍କିତ ସମସ୍ତ ଭିଡ଼ିଓ, ଫଟୋ, ଦସ୍ତାବିଜ ବା ଦଲିଲ, ଗବେଷକଙ୍କ ମତାମତ, ଗଜପତି ମହାରାଜାଙ୍କ ବାର୍ତ୍ତା ସବୁକୁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀକୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପ୍ୟାରିସରେ ହେବାକୁ ଥିବା ୟୁନେସ୍କୋ ବୈଠକରେ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରଦାନ ନେଇ ଆଲୋଚନା ହେବ। କେନ୍ଦ୍ର ସରକାରଙ୍କ ସୁପାରିସ ଆଧାରରେ ମହାପ୍ରଭୁଙ୍କ ଐତିହାସିକ ରଥଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ୟୁନେସ୍କୋ ପକ୍ଷରୁ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି। ସେପଟେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ନାମକରଣକୁ ଜିଆଇ ଟ୍ୟାଗ ମିଳିବା ନେଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚେନ୍ନାଇରେ ଥିବା ଜିଆଇ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଆବେଦନ କରାଯାଇଛି। ଏଣୁ ଆଗାମୀ ଦିନରେ ଜିଆଇ ଟ୍ୟାଗ ମିଳିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଆମେ ଆଶା ରଖିଛୁ।

**ମୌସୁମୀ ବର୍ଷା ଓ ଏଲ୍‌ନିନୋ ଆଶଙ୍କା**

# ଖରିଫ୍ ରଣନୀତି ପ୍ରସ୍ତୁତ କଲା ଓଡ଼ିଶା

**ଭୁବନେଶ୍ୱର, ୨୭/୫(ନିପ୍ର):** ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ କରାଯାଇଥିବା ଆକଳନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଆସନ୍ତା ଖରିଫ୍ ୨୦୨୬ ଋତୁ ପାଇଁ ବ୍ୟାପକ ଭାବେ କୃଷି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ରଣନୀତି ଉପରେ ଆଲୋଚନା କରାଯାଇଛି। ଭିଡିଓ କନଫରେନ୍ସିଂ ମାଧ୍ୟମରେ



ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନଗୁଡ଼ିକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆସନ୍ତା ଋତୁରେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ବିଭାଗ, ଜିଲ୍ଲା କର୍ତ୍ତୃପକ୍ଷ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ନିଜ ନିଜ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜୁନ୍ ୨୦୨୬ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବଂଟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଦୁର୍ଗମ ଏବଂ ସଂକଟାପନ୍ନ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ। କମ୍ ବର୍ଷା ଆଶଙ୍କା ଥିବା ଅଂଚଳରେ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ସୁନିଶ୍ଚିତ କରିବା ସହ ସ୍ୱଳ୍ପ ଓ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଏବଂ ମାଣ୍ଡିଆ/କ୍ଷୁଦ୍ର ଶସ୍ୟ (ମିଲେଟ୍) ବିହନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବେ। ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଂଚଳରେ ଫସଲ ବିବିଧକରଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବାକୁ ଜିଲ୍ଲା କୃଷି ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆସିବାରେ ବିଳମ୍ବ ହେଲେ 'କମ୍ୟୁନିଟି ନର୍ସରୀ' ବ୍ୟବସ୍ଥା ଗ୍ରହଣ କରାଯିବ। ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଧାନ, ଡାଲି ଏବଂ ତୈଳବୀଜ ବିହନ ସଂରକ୍ଷିତ ରଖାଯିବ। ସେହିପରି ମାର୍କଫେଡ୍, ପ୍ୟାକ୍ସ ଏବଂ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖରେ ସାରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ